

ରୋହିତ ଭାରତର ସର୍ବଶ୍ରେଷ୍ଠ ବ୍ୟାଟର୍
ପୃଷ୍ଠା ୭


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 176 | ଭାଗ ୩୨ | ସଂଖ୍ୟା ୧୭୬ Bhubaneswar | Saturday 14 September 2024 | Page 8 ₹ 4.00 ଭୁବନେଶ୍ୱର | ଶନିବାର ୧୪ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ପୋର୍ଟବ୍ଲେୟାର ହେଲା ଶ୍ରୀ ବିଜୟ ପୁରମ୍



ନୂଆଦିଲ୍ଲୀ, ୧୩।୯: କେନ୍ଦ୍ର ସରକାର ଅଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ରାଜଧାନୀ ପୋର୍ଟବ୍ଲେୟାର ନାମ ପରିବର୍ତ୍ତନ କରି ଶ୍ରୀବିଜୟ ପୁରମ୍ ରଖିଛନ୍ତି। ଶୁକ୍ରବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ସରକାରୀ ନିଷ୍ପତ୍ତି ସଂପର୍କରେ ଘୋଷଣା କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଦେଶୀ ଲକ୍ଷ୍ୟ ସାଧନ ପାଇଁ ଔପନିବେଶିକ ଢାଞ୍ଚାର ପରିବର୍ତ୍ତନ ସ୍ୱରୂପ ବିଜୟ ପୁରମ୍ ରଖାଗଲା। କ୍ରୀତଦାସ ପ୍ରଥାର ସଙ୍କେତକୁ ସବୁଦିନ ପାଇଁ ସମାଧି ଦିଆଯିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନାମ ପରିବର୍ତ୍ତନ କରିଛି। ଶ୍ରୀ ଶାହ ଏକ୍ସରେ ଲେଖିଛନ୍ତି, ୨୦୧୮ରେ ପ୍ରଧାନମନ୍ତ୍ରୀ ମୋଦି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ୩ ଉପକୂଳକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସହିଦ ଦ୍ୱୀପ ଓ ସ୍ୱରାଜ ଦ୍ୱୀପ ଭାବେ ନାମିତ କରିଥିଲେ। ଉପନିବେଶ ପ୍ରତୀକର ଉଚ୍ଛେଦ ଏହାର ଉଦ୍ଦେଶ୍ୟ ଥିଲା।

## ମଙ୍କିପକ୍ସ ଟିକାକୁ ଡବ୍ଲ୍ୟୁଏଚ୍ଓର ଅନୁମତି




ନୂଆଦିଲ୍ଲୀ, ୧୩।୯: ମଙ୍କିପକ୍ସ ସଂକ୍ରମଣ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଆସିଛି ଖୁସି ଖବର। ମଙ୍କିପକ୍ସର ପ୍ରଥମ ଟିକା ବଭାରିଆନ୍ ନର୍ଡିକର ଜାଇନ୍ନିଓଜ୍ (ଏମ୍‌ଭିଏ-ବିଏନ୍) କୁ ଗ୍ରୀନ୍ ସିଗନାଲ୍ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)। ଡବ୍ଲ୍ୟୁଏଚ୍ଓ ମଙ୍କିପକ୍ସ ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର ପାଇଁ ଏହି ଟିକାକୁ ପ୍ରାକ୍-ଯୋଗ୍ୟତା ଶ୍ରେଣୀରେ ଅନ୍ତର୍ଭୁକ୍ତ କରିଛି। ଏକ ବିବୃତ୍ତିରେ ଡବ୍ଲ୍ୟୁଏଚ୍ଓ କହିଛି ଯେ, ପୂର୍ବରୁ ଦିଆଯାଇଥିବା ଏମ୍‌ଭିଏ-ବିନ୍‌ର ଗୋଟିଏ ଡୋଜ୍ ଟିକା ପ୍ରାୟ ୭୬ ପ୍ରତିଶତ ପ୍ରଭାବଶାଳୀ ଦର୍ଶାଇଥିଲା। ବର୍ତ୍ତମାନ ଦ୍ୱିତୀୟ ଡୋଜ୍ ଟିକା ୮୨ ପ୍ରତିଶତ ଫଳପ୍ରଦ ହେବ ବୋଲି ଆକଳନ କରାଯାଉଛି ବୋଲି ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ ଡ. ଟେଡ୍ରୋସ୍ ଆଡାନୋମ୍ ଗେବ୍ରିୟସସ୍ କହିଛନ୍ତି। ଏମ୍‌ଭିଏ-ବିନ୍ ଟିକାକୁ ସ୍ମଲପକ୍ସ, ମଙ୍କିପକ୍ସ ଏବଂ ଏହା ସମ୍ବନ୍ଧୀୟ ଅର୍ଥୋପକ୍ସ ଭାଇରସ୍ ଇନଫେକ୍ସନ କ୍ଷେତ୍ରରେ ବ୍ୟବହାର କରାଯାଇ ପାରିବ। ୧୮ ବର୍ଷରୁ ଅଧିକ ବୟସ୍କ ସମସ୍ତ ବୟସ୍କ ବ୍ୟକ୍ତି ଏହି ଟିକା ନେଇପାରିବେ। ୪ ସପ୍ତାହ ବ୍ୟବଧାନ ଅର୍ଥାତ୍ ଗୋଟିଏ ମାସ ବ୍ୟବଧାନରେ ଦୁଇ ଡୋଜ୍ ଟିକା ଦିଆଯିବ।

**ରେକର୍ଡଧାରୀ ନବୀନଙ୍କ ବ୍ଲକ୍‌ବଷ୍ଟର ଘୋଟାଲା**

# ୪ହଜାର କୋଟିର ଖଣି, ୨୨୦୦୦ ଏକର ଜମି ସ୍କାମ୍



ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ): ନିଲାମ ପରେ ଲୁହାପଥରର ଗ୍ରେଡ୍ ଏବଂ ଏହାର ବର୍ଗୀକରଣରେ ହଠାତ୍ ଓ ଅସ୍ୱାଭାବିକ ହ୍ରାସ ଘଟିଥିବା ଭାରତର ନିୟନ୍ତ୍ରକ ଓ ଅଡିଟର ଜେନେରାଲ (ସିଏଜି) ଜାଣିବାକୁ ପାଇଛନ୍ତି, ଯାହାଫଳରେ ଦୁଇବର୍ଷ ମଧ୍ୟରେ ପ୍ରାୟ ୪,୧୬୨.୭୭ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି।

ଓଡ଼ିଶାର ୬ଟି ଲୁହାପଥର ଖଣିର ଅଡିଟ୍ କରିବା ପରେ ସିଏଜି କହିଛନ୍ତି ଯେ ନିଲାମ ପୂର୍ବରୁ ୬୨ରୁ ୬୫ ପ୍ରତିଶତ ଏଫ୍‌ଇ (ଲୁହା) ଗ୍ରେଡ୍‌ରେ ୮୩ ପ୍ରତିଶତରୁ ଅଧିକ ଉତ୍ପାଦନ ହୋଇଥିଲେ ମଧ୍ୟ ନିଲାମ ପରେ ଦୁଇବର୍ଷ (୨୦୨୦-୨୨)ମଧ୍ୟରେ ଏହା ପ୍ରାୟ ୧୬ ପ୍ରତିଶତକୁ ଖସି ଆସିଛି। ନିଲାମ ପରେ ଦୁଇବର୍ଷ ମଧ୍ୟରେ ଗ୍ରେଡ୍ ୬୦ ପ୍ରତିଶତ ଏଫ୍‌ଇ ଓ ତା'ଠାରୁ କମର ଅଂଶ ମୋଟ ଉତ୍ପାଦନର ପ୍ରାୟ ୧୧ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ଜରିମାନା ଆଦାୟ କ୍ଷେତ୍ରରେ ମଧ୍ୟ ସମାନ ଧାରା ଦେଖିବାକୁ ମିଳିଥିଲା ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଯୋଡ଼ା ସର୍କଲ ଅଧୀନରେ ଥିବା ଲୁହାପଥର ଖଣିର ମାମଲାକୁ ଦର୍ଶାଇ ଅଡିଟ୍‌ରେ କୁହାଯାଇଛି ଯେ ନିଲାମ ପୂର୍ବରୁ ଗ୍ରେଡ୍ ୬୦ ପ୍ରତିଶତ ଏଫ୍‌ଇ ଓ ତା'ଠାରୁ ଅଧିକ ପରିମାଣର ଉତ୍ପାଦନ ପ୍ରାୟ ୭୭ ପ୍ରତିଶତ ଥିଲା, ଯାହା ଏକବର୍ଷ (୨୦୨୦-୨୧) ମଧ୍ୟରେ ମାତ୍ର ୯.୮୮ ପ୍ରତିଶତକୁ ହ୍ରାସ ପାଇଥିଲା ଏବଂ ନୂଆ ଲିଜ୍‌ଧାରୀ ଖଣି ଚଳାଇବା ଆରମ୍ଭ କରିବା ପରେ ୨୦୨୧-୨୨ରେ ଏହା ଶୂନ ପ୍ରତିଶତକୁ ହ୍ରାସ ପାଇଥିଲା। ନିଲାମ ହୋଇଥିବା ଖଣିରୁ ଉତ୍ପାଦିତ ଖଣିଜ ଭଣ୍ଡାରର ପରିମାଣ ଏକ କିମ୍ବା ଦୁଇବର୍ଷ ମଧ୍ୟରେ ହଠାତ୍ ହ୍ରାସ ପାଇବା ଅସମ୍ଭବ। ଲୁହାପଥରର ଗ୍ରେଡରେ ଏତେ ଉଲ୍ଲେଖନୀୟ ଓ ତୀବ୍ର ହ୍ରାସ ଏକ ଗୁରୁତ୍ୱପୂର୍ଣ୍ଣ ➪ପୃଷ୍ଠା-୬



**ନବୀନ ପଟ୍ଟନାୟକ ଗତ ୨୪ ବର୍ଷରେ ଅନେକ ରେକର୍ଡ କରିଛନ୍ତି। ସରକାରରେ ଥିବା ବେଳେ ନବୀନଙ୍କ ସବୁ ରେକର୍ଡ ଗଣମାଧ୍ୟମର ଶୀର୍ଷରେ ରହୁଥିଲା। ଏବେ ସେ ସରକାରରୁ ଯିବା ପରେ ତାଙ୍କ ଶାସନରେ ଚାଲିଥିବା ସ୍କାମ୍‌ର ସ୍କେଲିଟନ ଗୋଟିଏ ପରେ ଗୋଟିଏ କପବୋର୍ଡରୁ ବାହାରୁଛି। ଆଜି ଏମିତି ଦୁଇଟି ସ୍କାମ୍‌ର ଖୁଲାସା କରୁଛି ସଂଚାର**

**ଗତ ପାଞ୍ଚବର୍ଷରେ ଦିଆଯାଇଛି ଖଣି କମ୍ପାନୀଙ୍କୁ ଅହେତୁକ ଅନୁକମ୍ପା!**

## ଜଙ୍ଗଲ ଜମିର ହୋଇଛି କିସମ ପରିବର୍ତ୍ତନ

ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ): ପରିବେଶ ପାଇଁ ସଜାଗ ଓ ସଯତ୍ନ ରହିଛନ୍ତି ବୋଲି କହୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସର୍ବଶେଷ କାର୍ଯ୍ୟକାଳରେ ସବୁଠାରୁ ଅଧିକ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ହୋଇଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ 'କୌଣସି ଅଣ ଜଙ୍ଗଲ କାର୍ଯ୍ୟ ଲାଗି ଜଙ୍ଗଲ ଜମିକୁ ବ୍ୟବହାର କରିବା ହେଉଛି ରାଜ୍ୟ ସରକାରଙ୍କ ଦାୟିତ୍ୱ। ଯଦିଓ ବନ ସଂରକ୍ଷଣ ଓ ସମ୍ବର୍ଦ୍ଧନ ଅଧିନିୟମ-୧୯୮୦ ଅନୁସାରେ କେନ୍ଦ୍ର ସରକାରଙ୍କଠାରୁ ଏଥିଲାଗି ଅନୁମୋଦନ ନେବାକୁ ହୋଇଥାଏ କିନ୍ତୁ 'ଜମି' ଏକ ରାଜ୍ୟ କ୍ଷମତା ପରିସରଭୁକ୍ତ ବିଷୟ ହୋଇଥିବାରୁ ଜଙ୍ଗଲ ସଂରକ୍ଷଣ ଓ ଏହାର ଆଇନଗତ ରକ୍ଷଣାବେକ୍ଷଣ ହେଉଛି ରାଜ୍ୟ ସରକାରଙ୍କ ଦାୟିତ୍ୱ'। ତଥ୍ୟ ଅନୁସାରେ., ଏପ୍ରିଲ୍ ୨୦୧୯ମସିହାରୁ ମାର୍ଚ୍ଚ ୨୦୨୪ ମସିହା ଭିତରେ ବିଭିନ୍ନ ରାଜ୍ୟରୁ ହସ୍ତଗତ ହୋଇଥିବା ୧୭୯ଟି ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ଏଗୁଡ଼ିକ ସବୁ କିସମ ପରିବର୍ତ୍ତନ ଲାଗି ଉଦ୍ଦିଷ୍ଟ। ୧୭ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ଆସିଥିବା ଏହି ୧୭୯ ପ୍ରସ୍ତାବରେ କେନ୍ଦ୍ର ସରକାର ୧୮୯୨୨.୯୮ ହେକ୍ଟର ଜମିକୁ କିସମ ପରିବର୍ତ୍ତନ ଲାଗୁ ଅନୁମତି ଦେଇଛନ୍ତି। ଏହି ସବୁ ଜମିକୁ ଖଣିଜ ଖନନ ପାଇଁ ବ୍ୟବହାର କରାଯାଇଛି। ୧୭ଟି ରାଜ୍ୟ ଭିତରେ ସବୁଠାରୁ ଅଧିକ ଜମି ଅର୍ଥାତ୍ ୪୦ ପ୍ରତିଶତ ଜମି ହେଉଛି ଓଡ଼ିଶାର। ମୋଟ ୪୮ଟି ପ୍ରକଳ୍ପ ଲାଗି ଏହି ଜମିକୁ କିସମ ପରିବର୍ତ୍ତନ କରାଯାଇ ଖଣି କମ୍ପାନୀଙ୍କୁ ପ୍ରଦାନ କରାଯାଇଛି। ଏହି ଜମିର ସମୁଦାୟ ପରିମାଣ ହେଉଛି ୭୬୮୦.୭୮ ହେକ୍ଟର।

ଏହି ପାଞ୍ଚବର୍ଷ ଭିତରେ ମଧ୍ୟପ୍ରଦେଶର ୨୧ଟି ପ୍ରସ୍ତାବ ଲାଗି ୩୪୦୬ ହେକ୍ଟର ଜମିକୁ ସଂରକ୍ଷିତ ଜଙ୍ଗଲ ତାଲିକାରୁ ହଟାଯାଇଥିବାବେଳେ ଝାଡ଼ଖଣ୍ଡର ୧୬ ପ୍ରସ୍ତାବରେ ➪ପୃଷ୍ଠା-୬

## ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ମୃତ ଅଧିକାରୀ!

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ) : ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଉଦଘାଟନ କରିବେ। ଏଥିପାଇଁ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୫୦ ଜଣିଆ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀମାନେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସହ ସମନ୍ୱୟନ ରକ୍ଷା କରି କାର୍ଯ୍ୟକ୍ରମର ସୁପରିଚାଳନା ସହ ଭିଡ ନିୟନ୍ତ୍ରଣରେ ପୋଲିସକୁ ସହଯୋଗ କରିବେ। ତେବେ ଏହି ୫୦ଜଣିଆ ତାଲିକାରେ ଥିବା ୫୦ ନମ୍ବର ➪ପୃଷ୍ଠା-୬

## କ୍ଷମତାରେ ରହିବା ନବୀନଙ୍କ ପ୍ରାଥମିକତା



**ଦୀର୍ଘ ସମୟ ଧରି ଚାଲିଥିଲା ଏକଛତ୍ରବାଦ**

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ): ଗତ ୨୪ ବର୍ଷ ଧରି ରାଜ୍ୟରେ ଏକଛତ୍ରବାଦ ଶାସନ ଚାଲିଥିଲା। ପୂର୍ବର ବିଜେଡି ସରକାର ବିକାଶ ପାଇଁ ନୁହେଁ, ସରକାରକୁ ଆସିବାକୁ କାମ କରୁଥିଲା। ଆଜି କେନ୍ଦ୍ର ମତ୍ସ୍ୟ, ପଶୁସମ୍ପଦ ଓ ପଂଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂହ ଏହା କହିଛନ୍ତି।

ବିଜେଡି ସରକାର ନିଜକୁ ସବୁବେଳେ ଏକ ଲୋକଭିମୁଖୀ ସରକାର ବୋଲି ଦାବି କରୁଥିଲା। ହେଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଂଜନ ସିଂହ ବିଜେଡି ସରକାର ପୋଲ ଖୋଲି ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ଇଣ୍ଡି ମେଣ୍ଟରେ ନବୀନଙ୍କୁ ସାମିଲ କରିବାକୁ ନୀତିଶ କୁମାରଙ୍କ ସହ ରାଜୀବ ରଂଜନ ସିଂହ ଓଡିଶା ଆସିଥିଲେ। ନବୀନ ନିବାସରେ ନୀତିଶ ମଧ୍ୟାହ୍ନ ଭୋଜନ ମଧ୍ୟ କରିଥିଲେ। ସେ ସମୟରେ ଇଣ୍ଡି ମେଣ୍ଟରେ ବିଜେଡି ସାମିଲ ହୋଇନଥିଲା। ହେଲେ ଘଟଣା କ୍ରମରେ ଜେଡିୟୁ ଏନଡିଏ ମେଣ୍ଟରେ ସାମିଲ ହୋଇଛି ଏବଂ ରାଜୀବ ରଂଜନ କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି। ବିକଶିତ ଭାରତ ଗଠନ ପାଇଁ ଆୟୋଜିତ ମନସୁନ ମିଟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ରାଜୀବ ରଂଜନ। ଆଉ ସେ କହିଛନ୍ତି ଯେ, ଏକ ଦୀର୍ଘ ସମୟ ଧରି ଓଡିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକଛତ୍ରବାଦର ➪ପୃଷ୍ଠା-୬

## ବାବୁଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ): ଶନିବାରଠାରୁ ୩ଦିନ ସରକାରୀ ଛୁଟି ଥିଲେ ମଧ୍ୟ ଅଫିସରମାନଙ୍କ ହେଡ୍‌କ୍ୱାର୍ଟର ଛାଡ଼ିବା ଉପରେ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବିଭାଗୀୟ ସଚିବ ଓ ମୁଖ୍ୟଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି । ଏହି ୩ଦିନ ମଧ୍ୟ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଫିସ୍ ଖୋଲା ରହିବ। ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଘାସିରାମ ମୁର୍ମୁ ଆଜି ସମସ୍ତ ବିଭାଗର ସଚିବ ଓ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ସରକାରୀ ଅଫିସରମାନଙ୍କର ହେଡକ୍ୱାର୍ଟରରେ ଅନୁପସ୍ଥିତ ରହିବା ଉପରେ କଟକଣା ଜାରି କରିଛନ୍ତି । ସରକାରୀ ଛୁଟିଦିନ ଅର୍ଥାତ୍ ସେପ୍ଟେମ୍ବର ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୌଣସି ସରକାରୀ ଅଫିସରଙ୍କୁ ହେଡକ୍ୱାର୍ଟର ➪ପୃଷ୍ଠା-୬

**ଅନ୍ଧବିଶ୍ୱାସର ଅନ୍ଧଗଳିରେ ମଣିଷ**

## ହାଜତରେ ବନ୍ଧାପଡୁଛି ଚାବିକାଠି ଓ କଲମ



ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ): ଅଶିକ୍ଷିତ ଲୋକ କିଭଳି ଅନ୍ଧବିଶ୍ୱାସ ରୁ ଦୁରେଇ ରହିବ ସେ ନେଇ ଅନେକ ସଚେତନତା କାର୍ଯ୍ୟକ୍ରମ ପ୍ରଶାସନ ପକ୍ଷରୁ ହାତକୁ ନିଆଯାଉଛି। ହେଲେ ଦାୟିତ୍ୱବାନ ପୋଲିସ ଡିପାର୍ଟମେଣ୍ଟରେ ଖୋଦ ଦେଖାଯାଇଛି ଏହାର ବ୍ୟତିକ୍ରମ। ଗୋଟିଏ ପଟେ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ରେ ପ୍ରାଧାନ୍ୟ ଦିଆଯାଉଛି। ଏତଲା ଦେବାଠରୁ ସଜା ହେବା ପର୍ଯ୍ୟନ୍ତ CCTNS ଆପ୍ଲିକେସନ ରେ ସବୁ ଅପଲୋଡ଼ ହୋଇ ରହୁଛି । ଗୋଟିଏ କ୍ଲିକ ରେ ଏତଲାକାରି ଓ ଅପରାଧୀ ସଭିଙ୍କ ନଥିପତ୍ର ମିଳିପାରୁଛି । ୧୮୭୦ ମସିହାରୁ ଚାଲିଥିବା ବ୍ରିଟିସ ଆଇନରେ ଆମୂଳଚୂଳ ପରିବର୍ତ୍ତନ ଆସିଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର ପରେ ମଧ୍ୟ ଛୋଟ ଛୋଟ କଥାକୁ ଧରି ବ୍ରିଟିସ୍ ଅମଳ ଅନ୍ଧବିଶ୍ୱାସ ଭିତରେ ଆଜିବି ଘାଣ୍ଟି ହେଉଛି ଓଡିଶା ପୋଲିସ ।

ଖଣ୍ଡଗିରି ଥାନା ଅଞ୍ଚଳରେ ଲିଭ ଇନ ରେ ପ୍ରେମୀ ଯୁଗଳ ରହୁଥିବା ବେଳେ ଗତ ଗୁରୁବାର ରାତିରେ ଯୁବତୀ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତ୍ୟୁବରଣ କରିଥିବା ଯୁବତୀଙ୍କ ବାପା ଖଣ୍ଡଗିରି ଥାନାରେ କାନ୍ଦି କାନ୍ଦି ପହଁଚିବା ବେଳେ ହଠାଥ ତାଙ୍କ ହାତରୁ ଖସି ପଡିଥିଲା ଚାବିକାଠି । ଏହା ଦେଖି ଥାନାରେ ଥିବା ସମସ୍ତ କର୍ମଚାରୀ ହଠାତ ସ୍ତବ୍ଧ ହୋଇଯାଇଥିଲେ । ସତେ ଯେପରି କଣ' ଗୋଟିଏ ବଡ଼ ଅଘଟଣ ଘଟିଗଲା । ତଳୁ ଚାବି ଉଠାଇବା ବେଳକୁ ଏହାକୁ ବାରଣ କରିଥିଲେ ଜଣେ ସବଇନ୍ସପେକ୍ଟର। ତୁରନ୍ତ ଚାବିପେଣ୍ଡାକୁ ପାଣିରେ ଧୋଇବା ସହ ନେଇ ହାଜତରେ ରଖିଥିଲେ ସବ୍ ଇନ୍ସପେକ୍ଟର ଜଣଙ୍କ । ପାଖାପାଖି ୧୫ ମିନିଟ ଏଭଳି ଡ୍ରାମା ଚାଲିବା ପରେ ବୁଢା ଲୋକ ଜଣଙ୍କୁ ଦିଆଯାଇଥିଲା ଚାବି । ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଭୁବନେଶ୍ୱରରେ ଏସ୍‌ପିଜି ଟିମ୍। ଶନିବାର ସଭାସ୍ଥଳ ଯାଞ୍ଚ।
- ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଲାଗି ଉଦ୍ଦିଷ୍ଟ ଏକ ପଦବୀ ଏକ ପେନସନ (ଓଆରପି) ଯୋଜନା ସଂଶୋଧିତ। ସଂଶୋଧିତ ପେନ୍‌ସନ୍ ପିଛିଲା ଭାବେ ଚଳିତ ବର୍ଷ ଜୁଲାଇରୁ ଲାଗୁ ହେବ।
- ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୫.୨ ବିଲିୟନ ଡଲାର ବୃଦ୍ଧି ପାଇ ୬୮୯.୨୪ ବିଲିୟନ ଡଲାରରେ ପହଞ୍ଚିଛି। ଏହା ସର୍ବକାଳୀନ ରେକର୍ଡ ବୋଲି ରିଜର୍ଭ ବ୍ୟାଙ୍କର ସୂଚନା।
- ଆରଜି କର ହସ୍ପିଟାଲରେ ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାରେ ନ୍ୟାୟ ଦାବି କରି ଆନ୍ଦୋଳନକାରୀ କନିଷ୍ଠ ଡାକ୍ତର ସଂଘ ପତ୍ର ଲେଖି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା।
- ପ୍ରାୟ ୩ ବର୍ଷ ବନ୍ଦ ରହିବା ପରେ ଫୋର୍ଡ ମୋଟର୍ସ କମ୍ପାନୀ ଚେନ୍ନାଇରେ ଉତ୍ପାଦନ ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ତାମିଲନାଡୁ ସରକାରଙ୍କୁ ଅବଗତ କଲେ।
- ଆସନ୍ତା ବର୍ଷ ସୁଦ୍ଧା ଅନ୍ତର୍ଜାତୀୟ ବଜାରରେ ସୁନାଦର ଆଉନ୍ସ ପିଛା ୩୦୦୦ ଡଲାର ଟପିପାରେ ବୋଲି ବ୍ୟାଙ୍କ ଅଫ୍ ଆମେରିକାର ବିଶେଷଜ୍ଞଙ୍କ ସୂଚନା। ଏପରି ହେଲେ ଭାରତରେ ସୁନାଦର ୧୦ ଗ୍ରାମ ପିଛା ୯୦୦୦୦ ଟଙ୍କା ଛୁଇଁବ।
- ଆନ୍ଧ୍ରର ମୋଗାଲି ଘାଟ ରୋଡ୍‌ରେ ଏକ ସରକାରୀ ବସ ଓ ଦୁଇ ଲରି ମଧ୍ୟରେ ଧକ୍କା ଲାଗି ୮ ଜଣଙ୍କ ମୃତ୍ୟୁ ଘଟିଛି।
- ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରବଳ ବର୍ଷା, ବିଭିନ୍ନ ଅଞ୍ଚଳ ଜଳପ୍ଳାବିତ ହେବାରୁ ଟ୍ରାଫିକ ଜାମ। ବିମାନ ଚଳାଚଳ ବ୍ୟାହତ।
- ଅମୃତମୋହନ ପ୍ରସାଦ ହେଲେ ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକ।
- ସମ୍ବଲପୁର କମଲିବଜାରରେ ଥିବା ପାଇକାରୀ ଲୁଗା ଗୋଦାମରେ ଶୁକ୍ରବାର ଜିଏସ୍‌ଟି ଚଢ଼ାଉ। ବହୁ ଅନିୟମିତତା ଧରାପଡ଼ିଲା।
- ସାଧାରଣ ଜନତାଙ୍କୁ ଉତ୍ତମ ସ୍ୱଚ୍ଛ ଏବଂ ପରିଷ୍କାର ଖାଦ୍ୟ ଉପଲବ୍ଧ କରାଇବାକୁ ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମ ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାମାନଙ୍କ ପାଇଁ ନୂଆ ନିର୍ଦ୍ଦେଶାବଳୀ ଜାରି। ଖାଦ୍ୟ ପରିବେଷଣ କରିବା ପୂର୍ବରୁ ଥାଳି ଉପରେ ଅଏଲ ପେପର ବ୍ୟବହାର ଲାଗି ନିର୍ଦ୍ଦେଶ।

## 'ବିକଶିତ ଭାରତ'ର ସଂକଳ୍ପ ନେଇ ସବୁ ରାଜ୍ୟ ଏକାଠି

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ): ଭାରତର ଖାଦ୍ୟ ନିରାପତ୍ତା, ଗ୍ରାମୀଣ ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ପଶୁପାଳନ ଓ ଗୋପାଳନ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତ ସରକାରଙ୍କ ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗ ପକ୍ଷରୁ ଆୟୋଜିତ ମୌସୁମୀ ବୈଠକରେ କହିଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଆମ ଜାତୀୟ ଅର୍ଥନୀତିକୁ ଉଲ୍ଲେଖନୀୟ ଯୋଗଦାନ ଦେଇ ଭାରତକୁ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ମାନ୍ୟତା ଦେଇଛି। ପ୍ରାଣୀପାଳନ କ୍ଷେତ୍ର କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଜନଜାତି ବର୍ଗ ଓ ମହିଳାମାନଙ୍କୁ କର୍ମନିଯୁକ୍ତି ସହିତ ରୋଜଗାର ମଧ୍ୟ ଯୋଗାଇ ଦେଇଥାଏ। କୃଷି କ୍ଷେତ୍ରର ଅଭିବୃଦ୍ଧିରେ ପଶୁପାଳନର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ କ୍ଷେତ୍ରର ବିକାଶ ଜରିଆରେ ଗ୍ରାମାଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ନୂତନଭାବେ ଦାୟିତ୍ୱ ନେଇଥିବା ଓଡିଶା ସରକାରଙ୍କ ୧୦୦ ଦିନ ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ । ଇତିମଧ୍ୟରେ ରାଜ୍ୟ ସରକାର ସମସ୍ତ କ୍ଷେତ୍ରରେ ବ୍ୟାପକ କାୟାକଳ୍ପ ପରିବର୍ତ୍ତନ ପାଇଁ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ ଆଗାମୀ ୫ ବର୍ଷ ପାଇଁ ୧୪୨୩.୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ କରି 'ମୁଖ୍ୟମନ୍ତ୍ରୀ ➪ପୃଷ୍ଠା-୬

**ଓଡ଼ିଶାରେ ପ୍ରଥମ ମନ୍‌ସୁନ୍ ମିଟ୍**

- ରାଜ୍ୟର ସବୁ କ୍ଷେତ୍ରର କାୟାକଳ୍ପ ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ
- ଦୁଗ୍ଧ ସମବାୟ ସଂସ୍ଥାଗୁଡିକର ସୁଦୃଢ଼ୀକରଣ ପାଇଁ ଚୁକ୍ତିପତ୍ର
- 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'ରେ ବ୍ୟୟ ହେବ ୧୪୨୩.୪୭ କୋଟି

**ଜମି ଜବରଦଖଲର କାର୍ପଟଦାର ଟାଟା ପାୱାର**

# ଆଖିବୁଜା ସଂଯୋଗ: ବିଜୁଳି ଥାନା ମୂକ ଦର୍ଶକ



TPCODL
TP CENTRAL ODISHA
DISTRIBUTION LIMITED

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ): ରାଜଧାନୀରେ ଜମି ଜବରଦଖଲର କାର୍ପଟଦାର ସାଜିଛି ବିଦ୍ୟୁତ ଯୋଗାଣକାରୀ ସଂସ୍ଥା ଟାଟା ପାୱାର । ଯେଉଁ ମୂଲ୍ୟବାନ ସରକାରୀ ଜମିକୁ ମାଫିଆମାନେ ମାଡି ବସୁଛନ୍ତି ତତ୍କାଳ ସେହିସବୁ ସ୍ଥାନକୁ ବିଜୁଳି ସଂଯୋଗ ମିଳିଯାଉଛି । ରାସ୍ତାକଡ ଜମି ହେଉ କିମ୍ବା ପଡିଆ ଜମି ହେଉ ସେଠାରେ ବେଆଇନ୍ ଭାବେ କିଭଳି ବିଜୁଳି ଜଳୁଛି ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି ।

ରାଜଧାନୀରେ ଏବେ ସରକାରୀ ଜମିକୁ ମାଫିଆମାନେ ରାତାରାତି ଦଖଲ କରିନେଉଛନ୍ତି । ସାଧାରଣ ପ୍ରଶାସନ, ଖଦିବୋର୍ଡ, ହାଉସିଂବୋର୍ଡ, ବିଡିଏ ଆଦିର ମୂଲ୍ୟବାନ ଜମି ଉପରେ ମାଫିଆମାନେ ଲୋଲୁପ ଦୃଷ୍ଟି ପକାଉଛନ୍ତି। ବିଧାନସଭାରେ ସୂଚନା ଦିଆଯାଇଛି ରାଜଧାନୀରେ ୩୦ ମୂଲ୍ୟବାନ୍ ଜମିକୁ ବି ବିଜୁଳି ସଂଯୋଗ ମିଳିଯାଉଛି । ଅଧିକାଂଶ ସ୍ଥାନରେ ଉଚ୍ଛେଦ ଟିମ୍ ବିଜୁଳି ସଂଯୋଗ ଦେଖି ଫେରିଯାଉଛନ୍ତି ।

ବିଜୁଳି ବିଭାଗ ମଝିରେ ମଝିରେ ସଫେଇ ଦେଉଛି ଆମେ ବସ୍ତିକୁ ବିଜୁଳି ସଂଯୋଗ ଦେଉଛୁ । ତେବେ ସରକାରୀ ଖାତାରେ ରାଜଧାନୀରେ ବସ୍ତିସଂଖ୍ୟା ୪୩୬ ଥିବାବେଳେ ବେସରକାରୀ ଭାବେ ଏହା ହଜାରେକୁ ଟପିଗଲାଣି । ରାସ୍ତାକଡ ଜମିରେ, କନଜରଭେନ୍ସିରେ, ପଡିଆ ଓ ଗୋଚର ଆଦି ସ୍ଥାନରେ ବସ୍ତି ଗଢି ଉଠୁଛି। ଜମି ମାଫିଅମାନେ ସୁଚିନ୍ତିତ ଭାବେ ଏହିସବୁ ସ୍ଥାନକୁ ଅକ୍ତିଆର କରିବା ସହିତ ତାହାକୁ ବସ୍ତିର ନାଁ ଦେଇ ଦେଉଛନ୍ତି । ଘର ତିଆରି ସରିବାପରେ ହଠାତ୍ ସେଠାକୁ ବିଜୁଳି ସଂଯୋଗ ମିଳିଯାଉଛି । ଏହିସବୁ ବସ୍ତିରେ ଥିବା ଘରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରଠାରୁ ଆରମ୍ଭକରି ଟିଭି, ଫ୍ରିଜ୍ ଆଦି ସବୁକିଛି ରହିଛି ।

ତେବେ ଏଭଳି ବସ୍ତିକୁ ବେଆଇନ୍ ବିଜୁଳି ସଂଯୋଗ କିଏ କେତେବେଳେ ଦେଉଛି ତାହା ଜଣାପଡୁ ନାହିଁ । ସ୍ଥାନୀୟ ଲୋକଙ୍କ କହିବାକଥା ଯେ ବିଜୁଳି ନମିଳିଲେ ଲୋକେ ସେଠାରେ ଆଦୌ ରହିପାରିବେ ନାହିଁ । କାରଣ ବଜାରରେ ଏବେ କିରାସିନି ମିଳୁନଥିବାବେଳେ ମହମବତୀ ଆଲୋକରେ ରହିବା ସମ୍ଭବପର ନୁହେଁ । ତେଣୁ ଜମି ଜବରଦଖଲର ମୁଖ୍ୟ କାର୍ପଟଦାର ଏବେ ଟାଟା ପାୱାର ସାଜିଛି । ବିଜୁଳି ଚୋରଙ୍କୁ ଧରିବାପାଇଁ ରାଜଧାନୀରେ ଗୋଟିଏ ବିଜୁଳି ଥାନା ବି ରହିଛି । ହେଲେ ଏହି ଥାନା କାହାକୁ ଜଗିଛି ଓ କାହାକୁ ଧରୁଛି ତାହା ଖୋଦ ରାଜଧାନୀବାସୀ ବି ଜାଣିପାରୁ ନାହାନ୍ତି । ଜବରଦଖଲର ➪ପୃଷ୍ଠା-୬




## ବେଲପାଳ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

# ଉପଜିଲ୍ଲାପାଳଙ୍କୁ ଭେଟିଲେ ୮ ୱାର୍ଡ ସଭ୍ୟସଭ୍ୟା

**ରାଜନଗର, ୧୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବେଲପାଳ ସରପଂଚଙ୍କ ବିରୁଦ୍ଧରେ ଆଜି ଅନସ୍ଥା ପ୍ରସ୍ତାବ ଆସିଛି । ପଂଚାୟତର ୧୧ଜଣ ୱାର୍ଡସଭ୍ୟ ସଭ୍ୟାଙ୍କ ମଧ୍ୟରୁ ୮ଜଣ ୱାର୍ଡ ସଭ୍ୟସଭ୍ୟା କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କୁ ଭେଟି ଅନାସ୍ଥା ସଂପର୍କରେ ଲିଖିତ ଭାବେ ଜଣାଇଛନ୍ତି । ବର୍ତମାନର ସରପଂଚ ତିଲୋତମା ବରାଳ ଦୁର୍ନୀତି, ପଂଚାୟତରେ ଅନୁପସ୍ଥିତ ରହିବା ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଓଡିଶା ଗ୍ରାମ ପଂଚାୟତ ଆଇନ ୧୯୬୪ ଧାରା ୨୪ର ଉପଧାରା (୧) ଓ (୨) ଅନୁସାରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି । ବେଲପାଳ ଗ୍ରାମପଂଚାୟତର ୱାର୍ଡସଭ୍ୟ ସଭ୍ୟା ମାନଙ୍କର ବିଶ୍ୱାସ ହରାଇଥିବା ସରପଂଚଙ୍କ ବିରୁଦ୍ଧରେ ଆଇନ ମୁତାବକ ବହିଷ୍କାର ନିମନ୍ତେ ଯେଉଁ ଅନାସ୍ଥା ପ୍ରସ୍ତାବ ଆସିଛି, ତାର ତାରିଖ ଧାର୍ଯ୍ୟ କରି ବିହୀତ କାର୍ଯାନୁଷ୍ଠାନ ନେବାକୁ ନାଏବ ସରପଂଚ ନଳିନୀକାନ୍ତ କୁଣ୍ଡ, ନିରଂଜନ ଜେନା, ଗୀତାଞ୍ଜଳୀ ଥାଟୋଇ, ମମତା ମଂଜରୀ ସେଠୀ, ସଂଧ୍ୟାରାଣୀ ସ୍ୱାଇଁ, ମିନତୀ ପ୍ରଧାନ, କଳ୍ପତରୁ ସାହୁ, ରଂଗଲତା ଜେନା ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି ।

ପଂଚାୟତର ନାଏବ ସରପଂଚ ନଳିନୀକାନ୍ତ କୁଣ୍ଡଙ୍କ ସଭାପତିତ୍ୱରେ ଚଳିତମାସ ୧୧ ତାରିଖ ଦିନ ବେଲପାଳ ଗାଁର ସିଦ୍ଧବାସୁଳାଇ ମନ୍ଦିର ପ୍ରାଙ୍ଗଣରେ ଜରୁରୀକାଳିନ ବୈଠକରେ ସର୍ବସମ୍ମତି କ୍ରମେ ସରପଂଚଙ୍କ ବିରୁଦ୍ଧରେ ଅନସ୍ଥା ପ୍ରସ୍ତାବ ଗୃହୀତ ହୋଇଛି । ସେମାନଙ୍କ ଅଭିଯୋଗ ମୁତାବକ ଦୀର୍ଘ ଅଢେଇବର୍ଷ ହେଲା ସରପଂଚ ପଂଚାୟତରେ ଅନୁପସ୍ଥିତ ରହିବା ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥ ପଡି ରହିଛି । ସରପଂଚଙ୍କ ସ୍ୱାମୀ କିଛି ଅସାମାଜିକ ଓ ଖଳ ପ୍ରକୃତିର ଯୁବକମାନଙ୍କୁ ମଦ ମାଂସରେ ଆପ୍ୟାୟିତ କରି ଆମ ନିର୍ବାଚିତ ସଭ୍ୟ, ସଭ୍ୟା ମାନଙ୍କୁ ଗାଳି ଗୁଲଜ ସହିତ ମାରିଦେବାର ଧମକ ଦେଉଛନ୍ତି ଏବଂ ରେଜ୍ୟୁଲେସନରେ ନପଢି ଦସ୍ତଖତ କରିବାକୁ ବାଧ୍ୟ କରୁଛନ୍ତି । ସରପଂଚ ଅନୁପସ୍ଥିତ ରହିବା ଫଳରେ ଆମେ ନିର୍ବାଚିତ ହେବା ପରେ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କିସ୍ତି ଓ ମନରେଗା ଅର୍ଥ ଘର କରିସାରିଥିଲେ ମଧ୍ୟ ସାଧାରଣ ଲୋକେ ପାଇପାରୁନାହାଁନ୍ତି । ବିଭାଗୀୟ ଯନ୍ତ୍ରୀଙ୍କୁ ଆମେ କାମ କରିବାକୁ କହିଲେ ସରପଂଚଙ୍କ ସ୍ୱାମୀ ଡଙ୍ଗଲ ଦେଲେ ତ ପେମେଂଟ ହେବ କହି ଯନ୍ତ୍ରୀଙ୍କୁ ଧମକାଉଛନ୍ତି। ଏସିଏମ ଓ ପମ୍ପ ଡ୍ରାଇଭରଙ୍କୁ ଦୀର୍ଘ ମାସ ହେବ ଦରମା ନଦେବାରୁ ସେମାନେ କାମକୁ ଆସୁନାହାଁନ୍ତି ଓ ମନମୁଖୀ କାର୍ଯ୍ୟ କରୁଛନ୍ତି, ଯାହାଫଳରେ ଗ୍ରାମବାସୀ ଠିକ୍ ସମୟରେ ପାଣି ପାଇପାରୁନାହାଁନ୍ତି । ଗ୍ରାମ ପଂଚାୟତର ସିଏଫସି ଓ ଏସଏଫସି ଅର୍ଥ ନିର୍ବାଚନ ସମୟରୁ ଆଜି ପର୍ଯ୍ୟନ୍ତ ପଡି ରହିଛି । ସରପଂଚଙ୍କ ସ୍ୱାମୀଙ୍କ କଥା ଆମେ ଗ୍ରହଣ କରୁନଥିବାରୁ ଆମକୁ ଆମର ମାସିକ ଭତା ଦେଉନାହାଁନ୍ତି । ପଂଚାୟତରେ ଜିପିଡିପି ଅନୁମୋଦନ ନଥାଇ ଗ୍ରାମ୍ୟ ରାସ୍ତା ଆଲୋକୀକରଣ ଓ ମୋଟର କ୍ରୟ ଆଦି କାମ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି । ନିଜ ବୋଲି ମାନୁଥିବା ଠିକାଦାରଙ୍କୁ ମନରେଗା କାମ ନକରି ମଧ୍ୟ ବିନା ରେଜ୍ୟୁଲେସନରେ ପିସି ନିଆଯାଇ ବିଲ ଦିଆଯାଇଛି । ସରପଂଚ କେନ୍ଦ୍ରାପଡାରେ ରହି ପିଲାଙ୍କୁ ପଢାଉଛନ୍ତି, ଗ୍ରାମ ପଂଚାୟତକୁ ଆଦୌ ଆସୁନାହାଁନ୍ତି । ଯାହାଦ୍ୱାରା ପଂଚାୟତରେ କାମ ନହୋଇ ପଡି ରହୁଛି । ଏହି ସବୁ ଦୁର୍ନୀତି, ବେଆଇନ, ଅବହେଳା, ଭ୍ରଷ୍ଟାଚାର କାରଣରୁ ସରପଂଚ ଆସ୍ଥା ହରାଇଛନ୍ତି । ତେଣୁ ତାଙ୍କୁ ଆଇନ ମୁତାବକ ବହିଷ୍କାର କରିବା ପାଇଁ ୱାର୍ଡସଭ୍ୟ ସଭ୍ୟାମାନେ ଦାବୀ କରିଛନ୍ତି ।

## ପିସି କାରବାର

# ଭାଇରାଲ ହେଉଛି ଯନ୍ତ୍ରୀ ଓ ଠିକାଦାରଙ୍କ ବାର୍ତ୍ତାଳାପ ଅଡିଓ

## ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ! ପିସି ରୋକିବା ନୂଆ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ !

**ଜଗତସିଂହପୁର, ୧୩।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ପିସି ଏକ ଜାତୀୟ ବ୍ୟାଧି ହୋଇଥିବାବେଳେ ବିଗତ ସରକାରଙ୍କ ସମୟରେ ଏହାର ମାତ୍ରା କ୍ୟାନ୍ସର ଭଳି ବୃଦ୍ଧି ପାଇଛି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନୂଆ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ହୋଇପଡିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପିସି କାରବାରକୁ ରୋକିବା ସହ କାମରେ ସ୍ୱଚ୍ଛତା ଆଣିବା ପାଇଁ ମୋହନ ସରକାର ବହୁ କଟକଣା ଜାରି କରି ଆସୁଥିଲେ ମଧ୍ୟ ତୃଣମୂଳ ସ୍ତରରେ ଏହାର କୌଣସି ପ୍ରଭାବ ପଡୁନଥିବାର ଦେଖାଯାଇଛି । ପିସି କାରବାର କେମିତି ଚାଲିଛି ଭାତ ହାଣ୍ଡିରୁ ଗୋଟିଏ ଭାତ ପରଖିଲା ପରି ଜଗତସିଂହପୁର ଜିଲ୍ଲାରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି।

ଜିଲ୍ଲାର ତିର୍ତ୍ତୋଲ ବ୍ଲକ ସଅଁରା-ଗୋପାଳପୁର ପଞ୍ଚାୟତରେ ପିସି କାରବାରକୁ ନେଇ ଠିକାଦାର ଓ ମହିଳା ଯନ୍ତ୍ରୀଙ୍କ ମଧ୍ୟରେ କଥା ଆଳାପକୁ ନେଇ ରେକର୍ଡିଂ ଭାଇରାଲ ହେବା ପରେ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ଗୋପାଳପୁର ପଞ୍ଚାୟତ ଅଧିନସ୍ଥ ପୁଟିଙ୍ଗ ଗ୍ରାମରେ ଏକ ସ୍କୁଲ ଘର କାମ ଚାଲୁରହିଛି । ୭ଲକ୍ଷ ୫୦ ହଜାର ଟଙ୍କାର ଏହି କାମର ବିଲ କରାଇ ଦେବାକୁ ବ୍ଲକ ଜେଇ ସମ୍ପୃକ୍ତ ଠିକାଦାରଙ୍କୁ ୭ ପ୍ରତିଶତ ପିସି ମାଗିବା ବଦଳରେ ୧୦ ପ୍ରତିଶତ ପିସି ମାଗିଥିବା ଅଡିଓ ଭାଇରାଲ ହେବା ପରେ ଚର୍ଚ୍ଚା ଜୋର ଧରିଛି । ଭାଇରାଲ ଅଡିଓରେ ବ୍ଲକ ଚେୟାରମ୍ୟାନଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ଜେଇ ଚିନ୍ମୟୀ ଦିବେଦୀ ଠିକାଦାର ରାଜୀବ ରଥଙ୍କୁ ପିସି ମାଗୁଥିଲେ ବୋଲି କହିଛନ୍ତି। ଏହି ଅଡିଓ ଭାଇରାଲ ଘଟଣାରେ ସେ ସମ୍ପୃକ୍ତ ନାହାନ୍ତି ବୋଲି କହିଛନ୍ତି ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା। ଜେଇ ତାଙ୍କ ନାମରେ ମିଛ ଅଭିଯୋଗ କରିଥିବା ବେଳେ ଏହି ଘଟଣାର ତଦନ୍ତ ପାଇଁ ସେ ପିଡ଼ିଙ୍କୁ ଚିଠି ଲେଖିଥିବା କହିଛନ୍ତି । ଏହି ଘଟଣାକୁ ନେଇ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଏକ ଟିମ ଗଠନ କରି ତଦନ୍ତ କରୁଛନ୍ତି। ଡ଼ିଆରଡ଼ିଏ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା ଏହି ଘଟଣାର ତଦନ୍ତ କରୁଥିବା ବେଳେ ତଦନ୍ତ ପରେ ସେ କହିବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

ତିର୍ତ୍ତୋଲ ବ୍ଲକରେ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଇଥିବା ଅଭିଯୋଗ କରିଛନ୍ତି ଲୋକେ । ବ୍ଲକ କାର୍ଯ୍ୟାଳୟକୁ ଆସି ପାଟି କରିବା ସହିତ ଦୀର୍ଘ ୨୪ବର୍ଷର ପୂର୍ବ ପିସି ସରକାରରେ ରହି ଦୁର୍ନୀତିକୁ ଭୁଲି ପାରୁନାହାନ୍ତି ବ୍ଲକ ଜେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ବିଡ଼ିଓ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି । ପିସି କାରବାର ସମସ୍ତ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ରହି ତିର୍ତ୍ତୋଲ ବ୍ଲକ ଉନ୍ନୟନ କାର୍ଯ୍ୟ ନିମ୍ନ ମାନର ହେଉଛି ବୋଲି ଅଭିଯୋଗ କରିଛନ୍ତି। ତିର୍ତ୍ତୋଲ ବାସିନ୍ଦା ପ୍ରଦୀପ ନାୟକ ମହିଳା ଜେଇ ଜଣକ ପିସି କାରବାରରେ ସମ୍ପୃକ୍ତ ନା ନିଜ ଦୋଷ ଚପେଇବାକୁ ଅଧ୍ୟକ୍ଷଙ୍କ ନାଁ ନେଉଛନ୍ତି ତାହା ତଦନ୍ତ ସାପେକ୍ଷ । ତେବେ ମୋଟାମୋଟି ଭାବରେ ଦେଖିବାକୁ ଗଲେ ଜିଲ୍ଲାରେ ପିସି କାରବାର ଖୁଲମ ଖୁଲା ଚାଲିଥିବାର ଏହି ଆଳାପରୁ ସ୍ପଷ୍ଟ ବାରି ହୋଇ ପଡୁଥିବା ବେଳେ ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କଣ ପଦକ୍ଷେପ ନେଉଛନ୍ତି ନାଁ ଘଟଣାକୁ ଚାପ ଦେଇଛନ୍ତି ତାକୁ ହିଁ ସମସ୍ତଙ୍କର ଅପେକ୍ଷା ରହିଲା।

## ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କଲେ ମନ୍ତ୍ରୀ

# ଅଧାପନ୍ତରିଆ କାମକୁ ନେଇ ଆସନ୍ତୋଷ



**କଣାସ, ୧୩।୯ (ସଂଚାର ବ୍ୟୁରୋ):** ଆଜି କଣାସ ବ୍ଲକର ବେଣାଗାଁ ଓ ଚୁପୁରିଙ୍ଗି ନିକଟରେ ନିର୍ମାଣ କରାଯାଉଥିବା ପାନୀୟଜଳ ପ୍ରକଳ୍ପ ଦେଖିବା ପାଇଁ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ପିପିଲି ବିଧାୟକ ଆଶ୍ରୀତ୍ ପଟ୍ଟନାୟକ ଓ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ପହଞ୍ଚି ଅଧାପନ୍ତରିଆ କାମ ହୋଇଥିବାରୁ ତୀବ୍ର ଆସନ୍ତୋଷ ପ୍ରକାଶ କରିବା ସହିତ ଯୁଦ୍ଧକାଳିନୀ ଭିତିରେ ୬ମାସ ମଧ୍ୟରେ କାମ ସାରି ପାନୀୟଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଖବର ନେବାରେ ଜଣାପଡିଛି ହାଇଦ୍ରାବାଦ୍‌ର ଜି.ଭି.ପି.ଆର ଇଂଜିନିୟର ଲିମିଟେଡ୍ କାମ ନେଇ ଥିବା ବେଳେ ୨୦୧୮ ମସିହା ଅଗଷ୍ଟ ୧୩ତାରିଖ ଦିନ ଚୁକ୍ତି କରିଥିଲେ। ୨୦୨୪ ଜୁଲାଇ ୧୬ତାରିଖ ମଧ୍ୟରେ କାମ ଶେଷ କରିବେ ବୋଲି ଚୁକ୍ତିବଧ ହୋଇଥିଲା । ଏହି ପ୍ରକଳ୍ପ କାର୍ଯ୍ୟକଲେ କଣାସ ବ୍ଲକର ୨୨ଟି ଗ୍ରାମପଞ୍ଚାୟତ ୧୨୬ଟି ଗାଁ, ବ୍ରହ୍ମଗିରୀ ବ୍ଲକର ୪ଟି ପଞ୍ଚାୟତର ୧୮ଟି ଗାଁ, ସତ୍ୟବାଦୀ ବ୍ଲକର ୨ଟି ପଞ୍ଚାୟତର ୧୪ଗାଁକୁ ପାନୀୟଜଳ ଯୋଗାଇଦିଆଯିବ। କିନ୍ତୁ ଦୁଃଖର ବିଷୟ ବର୍ତ୍ତମାନ ସୁଧା କାର୍ଯ୍ୟ ଅଧାପାନ୍ତରିଆ ହୋଇ ପଡିରହିଛି। ଦୟାନଦୀରେ ମିଶୁଥିବା ଭୁବନେଶ୍ୱର ନର୍ଦ୍ଦମା ଜଳ ଗଙ୍ଗୁଆନାଳରେ ଆସି ମିଶୁଥିବାରୁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇ ବିଶୁଦ୍ଧ ଜଳକୁ ବିଶୋଧନ କରାଇଯାଇ ନଦୀକୁ ଛଡାଯିବ । ନଦୀ ପୋତି ହୋଇପଡିଥିବାରୁ ଖନନ କରାଯିବା ସହିତ ବସନ୍ତପୁର ଠାରେ ଏକ ଆନିକଟ୍ ନିର୍ମାଣ କରିବାକୁ ମନ୍ତ୍ରୀ ଶ୍ରୀନାୟକ ପ୍ରତିଶ୍ରୁତି ଦେଇଥିଲେ । ବାଇଗଣତଳି ଠାରେ ଆଡିବନ୍ଧ ନିର୍ମାଣ କରିବା ପାଇଁ ପ୍ରତିସୃତି ଦେଇଥିଲେ । କଣାସ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, ଗଡିଶାଗୋଡା ଆଇ.ଆଇ.ସି ଦୁର୍ଗାଚରଣ ମହାପାତ୍ର, ଗ୍ରାମ୍ୟଜଳଯୋଗଣା ବିଭାଗର ଉଚ୍ଚ ଅଧିକାରୀମାନେ ଉପସ୍ଥିତ ରହିଥିଲେ ଓ ଅନେକ ଲୋକପ୍ରତିନିଧି ଉପସ୍ଥିତ ରହି ଅଂଚଳର ବିଭିନ୍ନ ସମସ୍ୟା ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।



# ଲଗାଣ ବର୍ଷାରେ ଧୋଇଗଲା ରାସ୍ତା
# ୩ ଫୁଟ ତଳକୁ ଦବିଲା ପୋଲ

**ଉଦଳା, ୧୩।୯ (ସଂଚାର ବ୍ୟୁରୋ):** ଲଗାଣ ବର୍ଷାରେ ଧୋଇଗଲା ପୋଲ ରାସ୍ତା। ଉଦଳା - ବାଲେଶ୍ୱର ଯୋଗାଯୋଗ ହେଲା ବିଛିନ୍ନ। ଶିମିଳିପାଳ ଉପରମୁଣ୍ଡରେ ଲଗାଣ ବର୍ଷା ଜାରି ରହିବା କାରଣରୁ ବଢ଼ିଲା ଦେଓ ନଦୀର ଜଳସ୍ତର । ଦେଓ ନଦୀର ଜଳସ୍ତର ବୃଦ୍ଧି ହେବା କାରଣରୁ ଉଦଳା - ବାଲେଶ୍ୱର ରାସ୍ତାର କଇଁସାରି ଠାରେ ଥିବା ଜାମୁଘାଟ ପୋଲ ଧୋଇଯାଇଛି । ଜାମୁଘାଟ ପୋଲର ଦୁଇ ପାଖ ରାସ୍ତା ଧୋଇ ଯାଇଥିବା ବେଳେ ଉଦଳା - ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପୋଲ ରାସ୍ତା ଧୋଇଯିବା ଫଳରେ ଦୁଇ ପାଶ୍ୱର୍ରେ ପ୍ରାୟ ୩ ଫୁଟ ଲେଖାଏଁ ଖାଲୁଆ ସ୍ଥାନ ସୃଷ୍ଟି ହୋଇଛି,ତତସହିତ ପୋଲର କିଛି ଅଂଶ ଦବି ଯାଇଛି । ଯାହାଫଳରେ ଉଦଳା ରୁ ଗୋପବନ୍ଧୁନଗର ବ୍ଲକର ୬ ଗୋଟି ପଞ୍ଚାୟତ ସମେତ ବାଲେଶ୍ୱର ଜିଲ୍ଲା କୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ତଥାପି କିଛି ଲୋକ ଏହି ଦବିଥିବା ପୋଲ ଉପରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ସବୁଠାରୁ ବଡ଼କଥା ତରବରିଆ ଭାବରେ ଅସ୍ଥାୟୀ ପୋଲ କୁ ନିର୍ମାଣ କରାଯାଇଥିବା ବେଳେ ନିମ୍ନ ମାନର କାମ ଯୋଗୁଁ ଏମିତି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଲୋକେ । ତେବେ ଶିମିଳିପାଳ ଉପରମୁଣ୍ଡରେ ଲଗାଣ ବର୍ଷା ଜାରି ରହିବା କାରଣରୁ ଦେଓ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଦିର୍ଘ ୨ ମାସରୁ ଉର୍ଦ୍ଧ୍ୱ ହେବ ପୋଲ ଉପରେ ୨ ଫୁଟ ର ପାଣି ପ୍ରବାହିତ ହେଉଛି। ଏହି ବର୍ଷା ଦିନିଆ ଅସ୍ଥାୟୀ ପୋଲ ର କାର୍ଯ୍ୟ କୁ ପୁଣିଥରେ ସ୍ୱଚ୍ଛଳ ଭାବରେ ଓ ପୋଲ ର ଉଚ୍ଚତା ବୃଦ୍ଧି କରି ନିର୍ମାଣ କଲେ ସାଧାରଣ ଲୋକମାନେ ଉପକୃତ ହୋଇପାରିବେ। ଏ ବାବଦରେ ପୂର୍ତ୍ତବିଭାଗ ପାଖରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ଶ୍ରମ ଆଇନ ସଂଶୋଧନ ପ୍ରତିବାଦରେ

# ୨୩ରେ ଦେଶବ୍ୟାପୀ କଳାଦିବସ ପାଳନ ପାଇଁ ପ୍ରସ୍ତୁତି




**ବାଲେଶ୍ୱର, ୧୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ରସରକାର ଗତ ୨୦୨୦ ମସିହା ସେପ୍ଟେମ୍ବର ୨୨ ତାରିଖ ଦିନ ସଂସଦରେ ଶ୍ରମ ଆଇନଗୁଡ଼ିକୁ ସଂଶୋଧନ କରି ଚାରୋଟି କୋର୍ଡ଼ରେ ପରିଣତ କରିଛନ୍ତି । ଏହି ସଂଶୋଧନ ଫଳରେ ଶ୍ରମିକ ଶ୍ରେଣୀ ଦୀର୍ଘବର୍ଷ ସଂଗ୍ରାମ କରି ପରାଧିନ ଭାରତ ଓ ସ୍ୱାଧୀନ ଭାରତରେ ଶ୍ରମିକମାନଙ୍କ ସପକ୍ଷରେ ହାସଲ କରିଥିବା ଶ୍ରମ ଆଇନଗୁଡ଼ିକ ଏକ ପ୍ରକାର ଅଚଳ ହୋଇଯାଇଛି । ଏହା ବିରୁଦ୍ଧରେ ବିଭିନ୍ନ ସମୟରେ ଶ୍ରମଜୀବୀମାନେ ଏହି ସଂଶୋଧନ ପ୍ରତ୍ୟାହାର କରିବାକୁ ଦାବି କରିଆସୁଛନ୍ତି ।

ଆସନ୍ତା ୨୩ ତାରିଖ, ସୋମବାର ଦିନ ସମଗ୍ର ଦେଶରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନ୍‌ମାନେ 'କଳା ଦିବସ' ପାଳନ ପାଇଁ ଆହ୍ୱାନ ଦେଇଛନ୍ତି । ବାଲେଶ୍ୱରରେ ଏହି ଆହ୍ୱାନକୁ ସଫଳ କରିବାପାଇଁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନ୍‌ମାନଙ୍କର ଏକ ମିଳିତ ବୈଠକ ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇ ଆସନ୍ତା ୨୩ ତାରିଖ ସୋମବାର ଦିନ ୧୦ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଟିୟୁଏସିସିର ସଂପାଦକ ତଥା ବୈଠକର ଆବାହକ ଗୌରାଙ୍ଗ ପାଣିଗ୍ରାହୀ ମାଲିକ ତଥା କର୍ପୋରେଟ୍ ହାଉସ୍‌ମାନଙ୍କ ସପକ୍ଷରେ ସଂଶୋଧିତ ଶ୍ରମ ଆଇନଗୁଡ଼ିକର ତର୍ଜମା କରିଥିଲେ । ଏହି ପ୍ରତିବାଦ ଶୋଭାଯାତ୍ରା ଓ ବିକ୍ଷୋଭରେ ସମସ୍ତ ବର୍ଗର ମେହନତି ଜନସାଧାରଣ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି । ସଭାକାର୍ଯ୍ୟ ଆରମ୍ଭରେ ବିଶିଷ୍ଟ ବାମପନ୍ଥୀନେତା, ପୂର୍ବତନ ସାଂସଦ ତଥା ସିପିଆଇ (ଏମ୍)ର ଜାତୀୟ ସାଧାରଣ ସଂପାଦକ ସାଥୀ ସୀତାରାମ ୟେଚୁରୀଙ୍କ ଅକାଳ ବିୟୋଗରେ ବୈଠକରେ ଗଭୀର ଶୋକ ପ୍ରକାଶ କରାଯାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା ।

ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସୁରେଶ ଚନ୍ଦ୍ର ବେହେରା, ନିରାକାର ପାଣ୍ଡବ, ପୀତାମ୍ବର ମାଝି, ରାଜକିଶୋର ଲେଙ୍କା, ଶାନ୍ତନୁ ଦାସ, ଶ୍ୟାମାସୁନ୍ଦର ଜେନା, ଜଗଦୀଶ ବାରିକ, ହରେକୃଷ୍ଣ ଚାନ୍ଦ, ବନ୍ଦନା ବିଶ୍ୱାସ, ସର୍ବେଶ୍ୱର ମିଶ୍ର, ଜତିନ୍ ପାତ୍ର, ଭରତ ଚନ୍ଦ୍ର ସେଠୀ, ଶିବନାରାୟଣ ଗିରି ଓ ରାଜୀବ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିକାଶ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପଞ୍ଚଲିଙ୍ଗେଶ୍ୱରରେ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ



**ନୀଳଗିରି, ୧୩।୯ (ସଂଚାର ବ୍ୟୁରୋ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧିନସ୍ଥ ବାବା ପଞ୍ଚଲିଙ୍ଗେଶ୍ୱର ପୀଠକୁ ବୁଲିବାକୁ ଆସିଥିବା ବଙ୍ଗୀୟ ପର୍ଯ୍ୟଟକଙ୍କ ମଧ୍ୟରୁ ଜଣେ ନିଖୋଜ ହୋଇଥିବା ନେଇ ପରିବାର ପକ୍ଷରୁ ଆଜି ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଗତ ୧୧ ତାରିଖ ବୁଧବାର ପଶ୍ଚିମବଙ୍ଗ ହାଓଡ଼ା ଜିଲ୍ଲା ଶ୍ୟାମପୁର ଥାନା ଅଞ୍ଚଳର ୬୦ରୁ ଉର୍ଦ୍ଧ ବଙ୍ଗୀୟ ପର୍ଯ୍ୟଟକ ନୀଳଗିରି ସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଏକ ଘରୋଇ ବସରେ ବୁଲିବାକୁ ଆସିଥିଲେ। ଯିବାବେଳେ ପର୍ଯ୍ୟଟକମାନଙ୍କ ମଧ୍ୟରୁ ଉକ୍ତ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସ୍ୱର୍ଗତ ଈଶ୍ୱର ବିବେକାନନ୍ଦ କୁନ୍ତୀଙ୍କ ପୁଅ ସୁଜିତ କୁନ୍ତୀ (୪୮) ବସରେ ଯାଇ ନପାରି କୁଆଡ଼େ ନିଖୋଜ ହୋଇଯାଇଛନ୍ତି ବୋଲି ଆଜି ସୁଜିତଙ୍କ ପୁଅ ଶୌକତ କୁନ୍ତୀ, ଭାଇ ସୁନୀଲ କୁନ୍ତୀ, ପୁତୁରା ପୁଷ୍ପେନ୍ଦୁ କୁନ୍ତୀ ଶୈବପୀଠରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ସୁଜିତର ଠିକଣା ନପାଇ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ନିର୍ମାଣ ଶ୍ରମିକ ସହାୟତା ରାଶି ବୃଦ୍ଧିକୁ ଏଚ୍‌ଏମ୍‌ଏସ୍‌ର ସ୍ୱାଗତ

**ବ୍ରହ୍ମପୁର, ୧୩।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ହିନ୍ଦ୍ ମଜଦୁର ସଭା (ଏଚଏମଏସ୍?) ରାଜ୍ୟ ଉପସଭାପତି ରବି ରଥ ସ୍ୱାଗତ ସହ କୃତଜ୍ଞତା ଜଣାଇଛନ୍ତି। ଦେଶର ବିକାଶ ପାଇଁ ନିର୍ମାଣ ଶ୍ରମିକଙ୍କ ଶ୍ରମଦାନ ଅପରିହାର୍ଯ୍ୟ । ପୂର୍ବରୁ ଦିଆଯାଉଥିବା ଅର୍ଥକୁ ବୃଦ୍ଧି କରି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିବାରୁ ଶ୍ରୀ ରଥ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।



# ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

**ରାଜନଗର, ୧୩।୯ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମଣ୍ଡଳ ଶିକ୍ଷାଧିକାରୀ ମନୋରଂଜନ ସେଠୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ମଣ୍ଡଳ ସମ୍ବଳ ସଂଯୋଜିକା ଭକ୍ତିଲତା ବାରିକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଚିତ ରଂଜନ ଜେନା, ରାଜନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ମାଝି, ଶିବ ପ୍ରସାଦ ବେହେରା, ପଂଚୁବରାହୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଭ୍ରଜ ବରାଳ, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀ, ବ୍ଲକ ବିଜ୍ଞାନ ସଂଯୋଜକ ଶାନ୍ତନୁ କୁମାର ସୂତାର, ସମ୍ବଳ ନୋଡାଲ ସଂଯୋଜକ ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ କୃତତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ହେମନ୍ତ ବାରିକ ଧନ୍ୟବାଦ ଦେଇଥିବା ବେଳେ ସିଆରସିସି ପ୍ରଶାନ୍ତ କୁମାର ଜେନା, ସମରେନ୍ଦ୍ର ସାହୁ, ତ୍ରୈଲୋଚନ ଦାସ, ଅନଙ୍ଗ କୁମାର ଜେନା, ଅଜିତ କୁମାର ସେଠୀ, ଦିଲ୍ଲିପ କୁମାର ସେଠୀ, ଚନ୍ଦ୍ରକାନ୍ତ ରାଉତ, ଅମୀୟ ରଂଜନ ରାଉତ, ମୁକୁଳେନ୍ଦୁ ଘଡାଇ, ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ ।

# ହିନ୍ଦୁ ଦୁଧଖଡ଼ିଆ ସମାଜର ନୂଆଁଖାଇ ଭେଟଘାଟ



**ସୁନ୍ଦରଗଡ, ୧୩।୯ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ପର୍ବ ନୂଆଁଖାଇ ଶେଷ ହୋଇଥିଲେ ମଧ୍ୟ ଆଜି ବି ପୁରପଲ୍ଲୀରେ ତାର ମହକ ଦେଖିବାକୁ ମିଳୁଛି। ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ପଟୁଆଡିହି ଜଟିପଡ଼ା ଠାରେ ହିନ୍ଦୁ ଦୁଧ ଖଡ଼ିଆ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକର ତଥା ୯ଟି ଗୁଡ଼ିରୁ ଶହ ଶହ ସଂଖ୍ୟାରେ ଜାତିଭାଇ ଏକତ୍ରିତ ହୋଇ ପାରମ୍ପରିକ ନୃତ୍ୟଗୀତ ତାଳେ ତାଳେ ପାଛୋଟି ନେଇଥିଲେ ୯ଗୁଡ଼ିର ଅତିଥିମାନଙ୍କୁ । ସମାଜର ରୀତିନୀତି ଅନୁସାରେ ସମସ୍ତ ଅତିଥିଙ୍କୁ ହଳଦୀ ପାଣିରେ ଗୋଡ ଧୋଇ ଫୁଲ ଚନ୍ଦନ ଦେଇ ଉତ୍ତରୀୟ ପ୍ରଦାନ କରିଥିଲେ। ସମାଜର ପିତୃ ପୁରୁଷଙ୍କ ଅମଳରୁ ଚାଲି ଆସିଥିବା ସଂସ୍କୃତି ,ପରମ୍ପରା ଓ ଐତିହ୍ୟକୁ ବଜାୟ ରଖିବା ହେଉଛି ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସମୟ କ୍ରମେ ଆଧୁନିକତାର ବଶବର୍ତ୍ତୀ ହୋଇ ଦୁଧ ଖଡ଼ିଆ ସମାଜର ଉଦୀୟମାନ ଯୁବପିଢ଼ି ଦିନକୁ ଦିନ ନିଜ ପୂର୍ବ ପୁରୁଷମାନଙ୍କର ପରମ୍ପରାକୁ ବଜାୟ ରଖିବା ପରିବର୍ତ୍ତେ ଅସାମାଜିକ କାର୍ଯ୍ୟ କଳାପରେ ସମୟ ଅପଚୟ କରୁଥିବା ବେଳେ ସେମାନଙ୍କୁ କିପରି ମୁଖ୍ୟ ସ୍ରୋତରେ ସାମିଲ କରି ସମାଜର ଉନ୍ନତି ଦିଗରେ ଆଗଭର ହେବେ ସେ ନେଇ ଏହି କାର୍ଯ୍ୟକ୍ରମ ରେ ଆଲୋଚନା କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଟାଙ୍ଗରପାଲି, ବଡଗାଁ,ହେମଗିରି, ସବଡେଗା, ବାଲିସଙ୍କରା,ସଦର ଓ ଲେଫ୍ରିପଡ଼ା ବ୍ଲକର ନଅ ଗୁଡିରୁ ନଅ ଝଣ୍ଡା ଧରି ପୂଜାର୍ଚ୍ଚନା କରି ମଣ୍ଡପରେ ସ୍ଥାପନ କରିଥିଲେ। ତା ପରେ ନଅ ଭାଇ ନଅ ଗୋତ୍ର ଯଥା ସରେଙ୍ଗ, କୁଲୁ ଡୁଙ୍ଗଡୁଙ୍ଗ, କେରକେଟା, ବିଲୁଙ୍ଗ, ବାର୍ଲା, ଟେଟେ,କିଡୋ, ଟପ୍ପୋଙ୍କ ବିଷୟରେ ଗୋତ୍ରର ପ୍ରାର୍ଥନା ଗୀତ ଗାଇ ସ୍ୱାଗତ କରିଥିଲେ। ହିନ୍ଦୁ ଦୁଧ ଖଡ଼ିଆ ସମାଜର ଗୁଡ଼ି ପୂଜକ ମାନେ ନିଜ ନିଜ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ମଞ୍ଚ ପରିଚାଳନା ଶ୍ୟାମସୁନ୍ଦର କିଡୋ କରିଥିବା ବେଳେ ରାଜେଶ ସରେଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।



# କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକଙ୍କ କଟକ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପରିଦର୍ଶନ

**କଟକ, ୧୩।୯ (ସଂଚାର ବ୍ୟୁରୋ):** ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର କେନ୍ଦ୍ରାଂଚଳ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଆଜି କଟକ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଶ୍ରୀ ନାୟକ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ଏବଂ ରାଜ୍ୟ ତଥା ଜାତୀୟ ଦିବସ ପାଳନ ସମ୍ପର୍କରେ ସମୀକ୍ଷା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଉପନିର୍ଦ୍ଦେଶକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହ କାର୍ଯ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ । କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲିଥିବା ଅବଗତ ହୋଇ ଶ୍ରୀ ନାୟକ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଆହୁରି ଉନ୍ନତ ପ୍ରଣାଳୀରେ କାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ ।

# ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ତହସିଲଦାରଙ୍କୁ ସମ୍ବର୍ଦ୍ଧନା



**ଉଦଳା,୧୩।୯ (ସଂଚାର ବ୍ୟୁରୋ):** ଉପଖଣ୍ଡ ସାମ୍ବାଦିକ ପରିବାର ଙ୍କ ଆନୁକୂଲ୍ୟରେ ଉଦଳା ର ପୂର୍ବତନ ତହସିଲଦାର ସତ୍ୟଜିତ୍ ମହାନ୍ତିଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଏବଂ ନୂତନ ଭାବେ ନିଯୁକ୍ତ ତହସିଲଦାର ସୁପ୍ରଭା ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ସନ୍ତୋଷ ବାଛିନୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ବର୍ଦ୍ଧନା ସଭାରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡେପୁଟୀ କଲେକ୍ଟର ପ୍ରତୀକ ପଣ୍ଡା ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବିଦାୟୀ ତହସିଲଦାରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ପରେ ନୂତନ ତହସିଲଦାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ସମସ୍ତ ଅତିଥି ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ ପୂର୍ବତନ ତହସିଲଦାର ମାତ୍ର ୯ ମାସ କାର୍ଯ୍ୟକାଳ ମଧ୍ୟରେ ଏଠାକାର ଗଣମାଧ୍ୟମ ତଥା ଜନସାଧାରଣଙ୍କର ସହଯୋଗ କେବେବି ଜୀବନରେ ଭୁଲି ପାରିବି ନାହିଁ ଏବଂ ସୁଯୋଗ ମିଳିଲେ ପୁଣି ଥରେ ଉଦଳା ଆସିବାକୁ ଆଗ୍ରହୀ ବୋଲି ଭାବ ବିହ୍ୱଳ ସ୍ୱରରେ ପ୍ରକାଶ କରିଥିଲେ । ନୂତନ ଭାବେ ଯୋଗଦେଇଥିବା ତହସିଲଦାର ମଧ୍ୟ କହିଥିଲେ କି ଏଭଳି ସହଯୋଗ ମୋ କାର୍ଯ୍ୟକାଳରେ ରହିଲେ ଆମେ ସମସ୍ତ ସମସ୍ୟାର ସରଳ ସମାଧାନ କରିପାରିବା ଏବଂ ଗଣମାଧ୍ୟମ ପ୍ରତିନିଧି ମାନେ ଯେ କୌଣସି ସମସ୍ୟା ବାବଦରେ ସିଧାସଳଖ ଆଲୋଚନା ବା ଜ୍ଞାତସାରକୁ ଆଣିବାକୁ ଅନୁରୋଧ କରିଥିଲେ । ସର୍ବଶେଷରେ ବରିଷ୍ଠ ସାମ୍ବାଦିକ ଜଗବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଆୟୋଜନରେ ସାମ୍ବାଦିକ ପରିବାର ର ଶଶିକାନ୍ତ ମିଶ୍ର,ଦିଲ୍ଲିପ୍ ଖଲିଆ,ମାନସ ପାଣି,ସର୍ବେଶ୍ୱର ମହାପାତ୍ର,ଦିପକ ମିଶ୍ର,କୃଷ୍ଣ ଚୈତନ୍ୟ ସଦୁଆଳ,ସ୍ୱେତସୁନ୍ଦର ମଲ୍ଲିକ,ଅତନୁ ତ୍ରିପାଠୀ,ଦିପକ କୁମାର ପାଣିଗ୍ରାହୀ, ଶ୍ରୀକାନ୍ତ ନାଏକ ଓ ଅନ୍ୟ ଗଣମାଧ୍ୟମ ପ୍ରତିନିଧି ସକ୍ରିୟ ସହଯୋଗ କରିଥିଲେ ଓ ଉପସ୍ଥିତ ଥିଲେ ।

# ଚଳନ୍ତା ଟ୍ରେନ୍‌ରେ ନାବାଳିକାଙ୍କୁ ଅସଦାଚରଣ

**ରେଳ କର୍ମଚାରୀଙ୍କୁ ପିଟି ପିଟି ମାରିଦେଲେ ଯାତ୍ରୀ**

**ଲକ୍ଷ୍ନୌ,୧୩।୯:** ଚଳନ୍ତା ଟ୍ରେନ୍‌ରେ ନାବାଳିକାଙ୍କୁ ଅସଦାଚରଣ କଲେ ରେଳ କର୍ମଚାରୀ। ଏଥିରେ ଉତ୍ତ୍ୟକ୍ତ ହୋଇ ଯାତ୍ରୀମାନେ ରେଳ କର୍ମଚାରୀଙ୍କୁ ପିଟି ପିଟି ମାରିଦେଲେ। ଏପରି ଏକ ସାଂଘାତିକ ଘଟଣା ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଘଟିଛି। ବିହାରର ବରୌନୀରୁ ନୂଆ ଦିଲ୍ଲୀ ଅଭିମୁଖେ ଯାଉଥିବା ହମସଫର ଏକ୍ସପ୍ରେସ୍ ଟ୍ରେନ୍‌ରେ ଏପରି ନାରକୀୟ କାଣ୍ଡ ଘଟିଛି। ମୃତକ ରେଳ କର୍ମଚାରୀଜଣକ ପ୍ରଶାନ୍ତ କୁମାର ବୋଲି ଚିହ୍ନଟ ହୋଇଛନ୍ତି।

ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତଙ୍କ ବିରୋଧରେ ଅସଦାଚରଣର ଅଭିଯୋଗ ହୋଇଥିବା ବେଳେ ମୃତ ରେଳ କର୍ମଚାରୀଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ପୀଡ଼ିତା ୧୧ ବର୍ଷୀୟା ନାବାଳିକାଙ୍କ ପରିବାର ବିହାରର ସିୱାନାରୁ ଟ୍ରେନ୍ ଚଢ଼ିଥିବା ବେଳେ ସେମାନେ ଦିଲ୍ଲୀ ଅଭିମୁଖେ ଯାଉଥିଲେ। ରାତି ପ୍ରାୟ ୧୧ଟା ପରେ ପ୍ରଶାନ୍ତ କୁମାର ଟ୍ରେନ୍ ବଗିରେ ବୁଲୁଥିବା ବେଳେ ନାବାଳିକାଜଣକ ଏକୁଟିଆ ଥିବା ଦେଖିବାକୁ ପାଇଥିଲେ। ଏହାପରେ ପଚରାପଚରି କରିବାରୁ ମା' ଟଏଲେଟ ଯାଉଥିବା ଝିଅ କହିଥିଲା। ଏହାପରେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ପ୍ରଶାନ୍ତ ନିଜ ସହ ନେଇ ଯାଇ ଅସଦାଚରଣ କରିଥିଲେ। ତାଙ୍କ ମା' ପହଞ୍ଚି ଝିଅକୁ ଖୋଜାଖୋଜି କରୁଥିବା ବେଳେ ନାବାଳିକାଜଣକ ପହଞ୍ଚିଥିଲେ ଓ କାନ୍ଦି କାନ୍ଦି ମା'ଙ୍କୁ ସବୁ କଥା କହିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଟ୍ରେନ୍‌ରେ ଥିବା ଅନ୍ୟ ଯାତ୍ରୀମାନେ ତାତି ଯାଇଥିଲେ। ଏହାପରେ ସମସ୍ତେ ମିଳିତ ଭାବେ ରେଳ କର୍ମଚାରୀଙ୍କୁ ପିଟିବାକୁ ଲାଗିଲେ। ଉକ୍ତ ସମୟରେ ଟ୍ରେନ୍‌ଟି ଲକ୍ଷ୍ନୌର ଏସବାଗ ଅଞ୍ଚଳରେ ଯାଉଥିବା ବେଳେ କାନପୁରରେ ପହଞ୍ଚିବା ପର୍ଯ୍ୟନ୍ତ ଉତ୍ତ୍ୟକ୍ତ ଯାତ୍ରୀମାନେ ପ୍ରଶାନ୍ତ କୁମାରଙ୍କୁ ପ୍ରବଳ ମାଡ଼ ମାରିଥିଲେ। କାନପୁରରେ ଟ୍ରେନ୍ ପହଞ୍ଚିବା ପରେ ଜିଆରପି କର୍ମୀ ପ୍ରଶାନ୍ତ କୁମାରଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଆରପି ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିବା ବେଳେ କାହାକୁ ଗିରଫ କରି ନ ଥିବା ଜଣାଯାଇଛି।

# କେଜରିୱାଲଙ୍କୁ ସର୍ତ୍ତମୂଳକ ଜାମିନ

## ଅଫିସ ଯାଇପାରିବେନି, ଫାଇଲରେ ସ୍ୱାକ୍ଷର କରିପାରିବେନି

**ନୂଆଦିଲ୍ଲୀ, ୧୩।୯:** ମଦ ଦୁର୍ନୀତି ମାମଲାରେ ଗିରଫ ହୋଇ ବିଗତ ୬ ମାସ ହେବ ତିହାର ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ସୁପ୍ରିମକୋର୍ଟ ସିବିଆଇ ମାମଲାରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସର୍ତ୍ତ ଅନୁଯାୟୀ କେଜରିୱାଲ ଜେଲରୁ ମୁକୁଳିଲେ ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ) ଯାଇପାରିବେ ନାହିଁ କିମ୍ବା କୌଣସି ଫାଇଲରେ ଦିଲ୍ଲୀର ଉପରାଜ୍ୟପାଳ ଭି କେ ସାକ୍ସେନାଙ୍କ ଅନୁମତି ବିନା ସ୍ୱାକ୍ଷର କରିପାରିବେ ନାହିଁ। କେବଳ ଅତ୍ୟାବଶ୍ୟକ ରୁଟିନ ଫାଇଲରେ ସ୍ୱାକ୍ଷର କରିବେ। ଏହା ସହିତ ସେ ତଦନ୍ତରେ ସହଯୋଗ କରିବେ, କୋର୍ଟଙ୍କ ବିନାନୁମତିରେ ବିଦେଶକୁ ଯାଇପାରିବେ ନାହିଁ କିମ୍ବା ସାକ୍ଷ୍ୟ ପ୍ରମାଣ ନଷ୍ଟ କରିପାରିବେ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ଶୁକ୍ରବାର ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ କେଜରିୱାଲଙ୍କୁ ସିବିଆଇ ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ କେଜରିୱାଲ ଇଡି ମାମଲାରେ ଜାମିନ ପାଇ ସାରିଛନ୍ତି। ସିବିଆଇ ମାମଲାରେ ଜାମିନ ପାଇବା ପରେ କେଜରିୱାଲ ଜେଲରୁ ମୁକୁଳିଛନ୍ତି। ଗତ ମାର୍ଚ୍ଚ ମାସରେ କେଜରିୱାଲଙ୍କୁ ଇଡି ଗିରଫ କରିଥିଲା। ନିର୍ବାଚନ ବେଳେ କୋର୍ଟ ତାଙ୍କୁ ୨୫ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଜାମିନ ଅବଧି ଶେଷ ହେବା ପରେ ସେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। କିଛି ସପ୍ତାହ ତଳେ ଇଡି ମାମଲାରେ ତାଙ୍କ ଜାମିନ ମିଳିଥିଲେ ମଧ୍ୟ ସେ ଜେଲରୁ ମୁକୁଳିନଥିଲେ। କାରଣ ଇଡି ମାମଲାରେ ଜାମିନ ମିଳିବା ପୂର୍ବରୁ ସିବିଆଇ ତାଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ଏବଂ ବିଆରଏସ ନେତ୍ରୀ କେ କବିତାଙ୍କୁ ଜାମିନ ମିଳିଛି। ଶୁକ୍ରବାର ଶୁଣାଣୀ ବେଳେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉଠାଇ ଯେଉଁ ଗ୍ରାଉଣ୍ଡରେ ମନିଷ ସିସୋଦିଆ ଓ କେ. କବିତା ଙ୍କୁ ଜାମିନ ମିଳିଛି ସେହି ଗ୍ରାଉଣ୍ଡରେ କେଜରିୱାଲଙ୍କୁ ମଧ୍ୟ ଜାମିନ ପ୍ରଦାନ କରାଯିବ ବୋଲି କହିଥିଲେ। ୬ ମାସ ହେବ କେଜରିୱାଲ ଜେଲରେ ଅଛନ୍ତି। ତାଙ୍କ ବିରୋଧରେ ଏ ପର୍ଯ୍ୟନ୍ତ ସିବିଆଇ ଚାର୍ଜସିଟ ଦାଖଲ କରିପାରିନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସୁପ୍ରିମକୋର୍ଟରୁ କେଜରିୱାଲଙ୍କୁ ଜାମିନ ମିଳିବା ପରେ ଆମ ଆଦମୀ ପାର୍ଟୀରେ ଖୁସିର ଲହରୀ ଖେଳିଯାଇଛି। ଦଳୀୟ କର୍ମୀମାନେ ବାଜା ବାଣ ସହ ଉତ୍ସବ ମନାଉଛନ୍ତି। ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ କହିଛନ୍ତି ଯେ, ସିବିଆଇ ଓ ଇଡି କେନ୍ଦ୍ର ସରକାରଙ୍କ ତୋତା ମୈନାରେ ପରିଣତ ହୋଇଛି। କିନ୍ତୁ ବିନା ତଥ୍ୟ ପ୍ରମାଣରେ କାହାକୁ ଅଧିକ ଦିନ ତମେ ବାନ୍ଧିପାରିବ ନାହିଁ। ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ପାଇଁ ବିଜେପିର ଷଡ଼ଯନ୍ତ୍ର ବିଫଳ ହୋଇଛି ବୋଲି ସେ କହିଛନ୍ତି।

# ଜିମ୍ ବାହାରେ ଆଖିବୁଜା ଗୁଳିମାଡ଼, ଜଣେ ମୃତ

**ନୂଆଦିଲ୍ଲୀ, ୧୩।୯:** ଦିଲ୍ଲୀର ଏକ ଜିମ୍ ବାହାରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ରାସ୍ତାକଡ଼ରେ ଛିଡ଼ା ହୋଇ କଥା ହେଉଥିବା ସମୟରେ ଜଣେ ବ୍ୟକ୍ତି ଆସି ଆଖିବୁଜା ଗୁଳିମାଡ଼ କରିଥିଲେ। ଗ୍ୟାଙ୍ଗ୍ ୱାର କାରଣରୁ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଜଣକ ନାଦିର ଶାହ ନାମକ ଜଣେ ବ୍ୟକ୍ତିଙ୍କୁ ୧୧ ରାଉଣ୍ଡ ଗୁଳି କରିଥିଲେ। ଏଥିରୁ ୫ଟି ଗୁଳି ତାଙ୍କ ଦେହରେ ବାଜିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ହତ୍ୟାକାଣ୍ଡ ପାଇଁ ଗ୍ୟାଙ୍ଗଷ୍ଟର ରୋହିତ ଗୋଦରା ନିଜକୁ ଦାୟୀ କରିଛି। ସୋଶାଲ ମିଡିଆରେ ଏକ ପୋଷ୍ଟ ଶେଆର କରି ନିଜକୁ ଦାୟୀ କରିଛି ରୋହିତ ଗୋଦରା। ସେ ଗୋଲ୍ଡି ବ୍ରାର ଏବଂ ଲୋରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଜଣେ ସହଯୋଗୀ। ଗୋଦରା ମଧ୍ୟ କାନାଡାରେ ପଞ୍ଜାବୀ ଗାୟକ ଏପି ଧିଲନଙ୍କ ଘରେ ହୋଇଥିବା ଗୁଳିମାଡ଼ ପାଇଁ ନିଜକୁ ଦାୟୀ କରିଥିଲା। ଦିଲ୍ଲୀରେ ଘଟିଥିବା ଗୁଳିକାଣ୍ଡ ସମୟର ସିସିଟିଭି ଫୁଟେଜ ସୋଶାଲ ମିଡିଆରେ ଭାଇରାଲ ହେଉଛି। ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି ଯେ, ନାଦିର ଶାହ ଏକ ବ୍ଲାକ୍ SUV କାର୍ ନିକଟରେ ଛିଡ଼ା ହୋଇ ଜଣେ ବ୍ୟକ୍ତିଙ୍କ ସହ କଥା ହେଉଛନ୍ତି। ଏହି ସମୟରେ ହଠାତ୍ ଜଣେ ଯୁବକ ଆସି ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରି ବାଇକରେ ଚାଲି ଯାଉଛନ୍ତି।

# ଡାକ୍ତର ଓ ସହଯୋଗୀଙ୍କ ଗଣବଳାତ୍କାର ଉଦ୍ୟମ

## ନର୍ସ କାଟିଦେଲେ ଗୁପ୍ତାଙ୍ଗ

**ପାଟଣା, ୧୩।୯:** ନର୍ସଙ୍କୁ ଗଣବଳାତ୍କାର ଉଦ୍ୟମ କରି ଫସିଲେ ଡାକ୍ତର ଓ ତାଙ୍କ ଦୁଇ ସହଯୋଗୀ। ଭୋଗିଲେ ଭୟଙ୍କର ପରିଣାମ। ନିଜକୁ ବଞ୍ଚାଇବାକୁ ଯାଇ ନର୍ସଜଣକ ଡାକ୍ତରଙ୍କ ଗୁପ୍ତାଙ୍ଗକୁ କାଟିଦେଇଥିବା ଜଣାଯାଇଛି। ଫଳରେ ପୁଲିସ୍ ଡାକ୍ତରଙ୍କୁ ବାନ୍ଧି ମେଡିକାଲରେ ଭର୍ତ୍ତି କରିଛି। ଏପରି ଏକ ସାଂଘାତିକ ଘଟଣା ବିହାରର ସମସ୍ତିପୁରରେ ଘଟିଛି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଡାକ୍ତର ଓ ତାଙ୍କର ଦୁଇ ସହଯୋଗୀ ଡାକ୍ତରଖାନା ଭିତରେ ପ୍ରଥମେ ମଦ ପିଇଥିଲେ। ଏହାପରେ ସେମାନେ ତାଙ୍କ ସହ ଜୋରଜବରଦସ୍ତି କରି ଗଣବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ତେଣୁ ନିଜକୁ ବଞ୍ଚାଇବାକୁ ପୀଡ଼ିତାଜଣକ ପାଖରେ ଥିବା ସର୍ଜିକାଲ ବ୍ଲେଡରେ ଡାକ୍ତରଙ୍କ ପ୍ରାଇଭେଟ ପାର୍ଟକୁ କାଟି ସେଠାରୁ ପଳାଇଥିଲେ। ଏନେଇ ସେ ତୁରନ୍ତ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ମେଡିକାଲରେ ପହଞ୍ଚି ଅଭିଯୁକ୍ତ ଡାକ୍ତର ଓ ତାଙ୍କ ଦୁଇ ସହଯୋଗୀଙ୍କୁ ବାନ୍ଧିଛି। ଏଥିସହ ଅଭିଯୁକ୍ତ ଡାକ୍ତରଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତ୍ତି କରିଛି। ଏନେଇ ଡିଏସ୍‌ପି ସୂଚନା ଦେଇ କହିଛନ୍ତି, ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ତଦନ୍ତ ଆରମ୍ଭ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ମେଡିକାଲରୁ ମଦ ବୋତଲ, ବ୍ଲେଡ, ମୋବାଇଲ ଆଦି ଜବତ କରାଯାଇ ଫରେନସିକ ଲାବ୍‌କୁ ପଠାଯାଇଛି।

# କେମିକାଲ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ

## ଜଳିଗଲେ ୩ ଶ୍ରମିକ



**ମୁମ୍ବାଇ, ୧୩।୯:** ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ଏକ କେମିକାଲ ଫ୍ୟାକ୍ଟ୍ରିରେ ଭୟଙ୍କର ବିସ୍ଫୋରଣ ହୋଇ ୩ ଶ୍ରମିକ ଜଳି ଯାଇଛନ୍ତି। ଏହି ଦୁର୍ଘଟଣାରେ ବହୁ ଜଣ ଆହତ ହୋଇଥିବା ଜଣାଯାଇଛି। ପୁଲିସ୍ ସୂଚନା ଅନୁଯାୟୀ, ଗତକାଲି ଫ୍ୟାକ୍ଟ୍ରିରେ କାମ ଚାଲିଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ଉକ୍ତ ସ୍ଥାନରେ କାମ କରୁଥିବା ୩ ଶ୍ରମିକ ଜୀଅନ୍ତା ଜଳି ଯାଇଥିଲେ। ମୃତକମାନେ ଉତ୍ତରପ୍ରଦେଶର ବୋଲି ଜଣାଯାଇଛି। ଖବର ପାଇ ତୁରନ୍ତ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାପରେ ଫ୍ୟାକ୍ଟ୍ରିରେ ଛାନଭିନ କରି ବହୁ ଶ୍ରମିକ ଜଳି ଯାଇ ଗୁରୁତର ହୋଇଥିବା ଦେଖିବାକୁ ପାଇଥିଲେ। ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। କାହିଁକି ଓ କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା ପୁଲିସ୍ ତାହାର ତଦନ୍ତ ଆରମ୍ଭ କରିଛି। ଏଥିସହ ଫ୍ୟାକ୍ଟ୍ରି ମାଲିକ ଓ ବରିଷ୍ଠ ଅଧିକାରୀଙ୍କୁ ପଚରାଉଚରା କରୁଛି।

# ପାକ୍ ପୁଲିସ-ସେନା ବିବାଦ: ପୁଲିସକର୍ମୀଙ୍କ ଆନ୍ଦୋଳନ ଜାରି

**ଲାହୋର, ୧୩।୯:** ପାକିସ୍ତାନରେ ପୁଲିସ ଏବଂ ସେନା ମଧ୍ୟରେ ତିକ୍ତତା ବୃଦ୍ଧି ପାଇବା ପରେ ଆନ୍ଦୋଳକୁ ଓହ୍ଲାଇଛନ୍ତି ଶହ ଶହ ପୁଲିସ କର୍ମୀ। ପୁଲିସଙ୍କ କାମରେ ସେନା ଏବଂ ଗୁପ୍ତଚର ଏଜେନ୍ସି ହସ୍ତକ୍ଷେପ କରୁଥିବା ଅଭିଯୋଗ କରି ଆନ୍ଦୋଳନ କରିଛନ୍ତି ପୁଲିସ। ପୁଲିସଙ୍କ ଏହି ଆନ୍ଦୋଳନକୁ ପାଞ୍ଚ ଦିନ ବିତିଥିଲେ ମଧ୍ୟ କୌଣସି ସମାଧାନର ସୂତ୍ର ବାହାରି ପାରୁନାହିଁ।



ସୂଚନା ଅନୁସାରେ, ସେପ୍ଟେମ୍ବର ୯ରେ ଶହ ଶହ ପୁଲିସ ପେଶୱାରକୁ କରାଚି ସହ ସଂଯୋଗ କରୁଥିବା ସିନ୍ଧୁ ରାଜପଥକୁ ଅବରୋଧ କରିଥିଲେ। ଖାଇବର ପାଖତୁନଖ୍ୱାର ଲାକ୍କୀ ମାରୱାତ ଜିଲ୍ଲାରେ ପୁଲିସ ଏହି ଆନ୍ଦୋଳନ କରିଥିଲେ। ସେନା ସେମାନଙ୍କ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବା ଅଭିଯୋଗ କରି ପାକିସ୍ତାନ ପୁଲିସ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବନ୍ନୁ, ଡେରା ଇସମାଇଲ ଖାନ ଏବଂ ଟ୍ୟାଙ୍କ ଜିଲ୍ଲାର ଅଧିକାରୀଙ୍କ ସମେତ ନିକଟ ଜିଲ୍ଲାର ପୁଲିସ କର୍ମଚାରୀମାନେ ମଧ୍ୟ ଏହି ପ୍ରତିବାଦରେ ଭାଗ ନେଇଥିଲେ। ଅନେକ ରାଜନୈତିକ ଦଳ ମଧ୍ୟ ପୁଲିସଙ୍କ ସମର୍ଥନରେ ବାହାରିଛନ୍ତି। ଆନ୍ଦୋଳନକାରୀ ପୁଲିସ କର୍ମୀମାନେ ଅଭିଯୋଗ କରିଛନ୍ତି ଯେ, ଆଇଏସ୍‌ଆଇ ଏବଂ ସାମରିକ ଗୁପ୍ତଚର ସଂସ୍ଥା ଏହି ଅଞ୍ଚଳର ଅବସ୍ଥାକୁ ଆହୁରି ଖରାପ କରୁଛନ୍ତି। ତାଲିବାନର ଯୋଦ୍ଧାମାନେ ତାଙ୍କର ଅନେକ ସାଥୀଙ୍କୁ ଅପହରଣ କରି ହତ୍ୟା କରିଛନ୍ତି।



# ମମତାଙ୍କୁ ରାଜ୍ୟପାଳଙ୍କ ବାସନ୍ଦ

**କୋଲକାତା, ୧୩।୯:** କୋଲକାତାସ୍ଥିତ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଗତକାଲି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ନିମନ୍ତେ ପ୍ରସ୍ତୁତ ଥିବା ଘୋଷଣା କରିଥିଲେ ମମତା ବାନାର୍ଜୀ । ଏହାପରେ ବି ଥମୁନି ବିବାଦ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାମାଜିକ ବହିଷ୍କାର କରିଛନ୍ତି ରାଜ୍ୟପାଳ ସିଭି ଆନନ୍ଦ ବୋଷ।

ରାଜ୍ୟପାଳ କହିଛନ୍ତି, ସେ ମୁଖ୍ୟମନ୍ତ୍ରୀ ମମତାଙ୍କ ସହ ଆଉ କୌଣସି ସଭା ମଞ୍ଚରେ ଏକାଠି ବସିବେନି। ମମତା ଯେଉଁ ସଭାକୁ ଯିବେ ସେ ସେଠାକୁ ଯିବେନି। ମମତାଙ୍କୁ ଲେଡି ମ୍ୟାକବେଥ୍ ସମ୍ବୋଧନ କରି ସାରା ରାଜ୍ୟରେ ଏବେ ହିଂସା ଚାଲିଛି ବୋଲି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି ରାଜ୍ୟପାଳ। ଆରଜି କର ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଁ ସମ୍ବିଧାନ, ପୀଡିତାଙ୍କ ପରିବାର, ରାଜ୍ୟବାସୀ ଏବଂ ନ୍ୟାୟ ପାଇଁ ସଂଗ୍ରାମ ଜାରି ରଖିଥିବା ସମସ୍ତଙ୍କ ସହ ଅଛି ଠିଆ ହୋଇଛି ବୋଲି ରାଜ୍ୟପାଳ କହିଛନ୍ତି।

ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ନିମନ୍ତେ ପ୍ରସ୍ତୁତ ଥିବା ନେଇ ଘୋଷଣା କରିବାର କିଛି ଘଣ୍ଟା ପରେ ରାଜ୍ୟପାଳଙ୍କ ଭିଡିଓ ସୋଶାଲ ମିଡିଆରେ ଅପଲୋଡ ହୋଇଛି। ନିଜ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି, ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ସମେତ ରାଜ୍ୟର ଆଇନ୍ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ବି ଅଛନ୍ତି। ଏପରି ସ୍ଥିତିରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ମେଡିକାଲ ସେବା ବି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଖୋଦ ମୁଖ୍ୟମନ୍ତ୍ରୀ ଏହି ଦୁଇ ବିଭାଗର ମନ୍ତ୍ରୀ ଥାଇ ବି ରାଜ୍ୟରେ ଆଇନ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବାକୁ ଟ୍ରାକ୍‌କୁ ଫେରାଇ ଆଣିବାକୁ ସେ ସଫଳ ହୋଇ ପାରୁନାହାନ୍ତି। ଏଥିସହ ସେ କହିଛନ୍ତି, ରାଜ୍ୟପାଳ ଭାବରେ ତାଙ୍କର ଭୂମିକା ସାମ୍ବିଧାନିକ ଦାୟିତ୍ୱରେ ସୀମିତ ରହିବ। ଏହାଠୁ ଅଧିକ କି କମ୍ ନୁହେଁ। ରାଜ୍ୟରେ ଅପରାଧ ରୋକିବାକୁ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପୁଲିସ୍ କମିଶନରଙ୍କ ବିରୋଧରେ ବି ଗୁରୁତର ଅପରାଧିକ ଅଭିଯୋଗ ରହିଥିବା ଘଟଣା ମୋତେ ଖୁବ୍ ଦୁଃଖ ଦେଇଛି ବୋଲି କହିଛନ୍ତି ରାଜ୍ୟପାଳ।

ଗତକାଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜୁନିୟର ଡାକ୍ତରଙ୍କ ସହ ନବାନ୍ନରେ ଆଲୋଚନା କରିବା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିତ ହୋଇଥିଲା। ମମତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନା ପାଇଁ ୨ ଘଣ୍ଟା କାଳ ଅପେକ୍ଷା କରି ରହିଥିଲେ ହେଁ କେହି ବି ସେଠାକୁ ଆସି ନଥିଲେ। ଏହାକୁ ନେଇ ମମତା ନିଜର ଅସନ୍ତୋଷ ପ୍ରକାଶ କରିବା ସହ ଲୋକଙ୍କ ସ୍ୱାର୍ଥ ପାଇଁ ଇସ୍ତଫା ଦେବାକୁ ରାଜି ଥିବା କହିଥିଲେ। ଗଣମାଧ୍ୟମକୁ ସମ୍ବୋଧନ କରି ସେ କହିଥିଲେ, ଲୋକଙ୍କ ସ୍ୱାର୍ଥ ପାଇଁ ମୁଁ ପଦ ଛାଡ଼ିବାକୁ ପ୍ରସ୍ତୁତ। ମୁଁ ମୁଖ୍ୟମନ୍ତ୍ରୀ ପଦ ଚାହେଁ ନାହିଁ। ମୁଁ ପୀଡ଼ିତାଙ୍କ ପାଇଁ ନ୍ୟାୟ ଚାହୁଁଛି। ସାଧାରଣ ଲୋକ ହସ୍ପିଟାଲରେ ଚିକିତ୍ସିତ ହୋଇପାରନ୍ତୁ ବୋଲି ମୁଁ ଚାହୁଁଛି। ଅଧିକାଂଶ ଡାକ୍ତର ବୈଠକ ପାଇଁ ରାଜି ଥିବା ମୁଁ ଜାଣିଛି। କିନ୍ତୁ କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ ବିଭ୍ରାଟ ସୃଷ୍ଟି କରିବାର ଲକ୍ଷ୍ୟରେ ରହିଛନ୍ତି। ସାଧାରଣ ଲୋକ ଜାଣନ୍ତି ନାହିଁ ଯେ ଏହି ଘଟଣାକୁ ରାଜନୀତିକ ରଙ୍ଗ ଦିଆଯାଉଛି।

# ମୁଁ ଜିତି ଯାଇଛି, ହାରିସଙ୍କ ସହ ଆଉ ବିତର୍କରେ ଭାଗ ନେବିନି: ଟ୍ରମ୍ପ



**ୱାସିଂଟନ୍, ୧୩।୯:** ଆମେରିକା ନିର୍ବାଚନ ଆଉ ମାତ୍ର ୮ ସପ୍ତାହ ବାକି ଥିବା ବେଳେ ଉଭୟ ଦଳର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଇତି ମଧ୍ୟରେ ପରମ୍ପରା ଅନୁଯାୟୀ ଉଭୟ ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ ଓ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ମହାବିତର୍କ ଗତ ମଙ୍ଗଳବାର ଶେଷ ହୋଇଛି। ତେବେ ଏହାପରେ ଆଉ ଏକ ରାଉଣ୍ଡ ମହାବିତର୍କ ନିମନ୍ତେ କମଳା ହାରିସ ଇଚ୍ଛୁକ ଥିବା ବେଳେ ଏହାକୁ ପ୍ରତ୍ୟାଖାନ କରିଛନ୍ତି ଡୋନାଲ୍ଡ ଟ୍ରମ୍ପ। ନିଜ ସୋଶାଲ ମିଡିଆ ପୋଷ୍ଟରେ ଟ୍ରମ୍ପ କହିଛନ୍ତି, ହାରିସ ଆଉ ଏକ ବିତର୍କ ପାଇଁ ଆଗ୍ରହୀ ଥିବାର ଅର୍ଥ ନିଜ ସେ ହାରି ଯାଇଛନ୍ତି। ଏବେ ସ୍ଥିତି ସୁଧାରିବାକୁ ସେ ପ୍ରୟାସ ଆରମ୍ଭ କରିଛନ୍ତି। ପରମ୍ପରା ଅନୁଯାୟୀ ଉଭୟ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମଧ୍ୟରେ ଗତ ମଙ୍ଗଳବାର ଆରମ୍ଭ ହୋଇଥିଲା ମହାବିତର୍କ। ଫିଲାଡେଲଫିଆର ନ୍ୟାସନାଲ କନଷ୍ଟିଚ୍ୟୁସେନ ସେଣ୍ଟରରେ ଦୁଇ ପ୍ରାର୍ଥୀ କମଳା ହାରିସ ଓ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିଲା ଘମାଘୋଟ ବାକ୍ ଯୁଦ୍ଧ। ଏଥିରେ ଗର୍ଭପାତଠାରୁ ଆରମ୍ଭ କରି ଯୁଦ୍ଧ, ଅର୍ଥନୀତିଠାରୁ ଆରମ୍ଭ କରି ଗୃହ ସଙ୍କଟ ପର୍ଯ୍ୟନ୍ତ ପ୍ରସଙ୍ଗ ସ୍ଥାନ ପାଇଥିଲା। ବିତର୍କ ଆରମ୍ଭରେ ହାରିସ୍ ଓ ଟ୍ରମ୍ପ ପରସ୍ପରର ହାତ ମିଳାଇ ରାଷ୍ଟ୍ରପତି ବିତର୍କ ମଞ୍ଚରେ ହାତ ନ ମିଳାଇବାର ଆଠ ବର୍ଷର ଧାରାର ଅନ୍ତ ଘଟାଇଥିଲେ। ଟ୍ରମ୍ପ କହିଛନ୍ତି ମତଦାନ ସର୍ବେକ୍ଷଣରୁ ଏହା ସ୍ପଷ୍ଟ ହୋଇ ଯାଇଛି ଯେ, ମଙ୍ଗଳବାର ରାତିରେ ହୋଇଥିବା ଘମାଘୋଟ ବିତର୍କରେ ମୁଁ ଜିତି ଯାଇଛି। ପ୍ରଥମ ଥର ଜୁନ୍‌ରେ ରାଷ୍ଟ୍ରପତିଙ୍କ ବିପକ୍ଷରେ ପ୍ରଥମ ବିତର୍କ ହୋଇଥିଲା। ଏହାପରେ ମଙ୍ଗଳବାର କମଳା ହାରିସଙ୍କ ସହ ଦ୍ୱିତୀୟ ଥର ବିତର୍କରେ ବି ମୋର ସ୍ପଷ୍ଟ ବିଜୟ ହୋଇଛି। ତେଣୁ ଏବେ ତୃତୀୟ ବିତର୍କର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ଟ୍ରମ୍ପ। ବିତର୍କରେ ନିଜେ ଜିତିଥିବା ଟ୍ରମ୍ପ ଦାବି କରୁଥିବା ବେଳେ ଆମେରିକାର ମିଡିଆ ସର୍ଭେ କିନ୍ତୁ କିଛି ଅଲଗା ତଥ୍ୟ ଦେଉଛି। ସିଏନ୍ ସର୍ଭେ ଅନୁଯାୟୀ, ୬୩% ଦର୍ଶକଙ୍କ କହିବାନୁଯାୟୀ, ହାରିସ ଜିତିଛନ୍ତି। କିନ୍ତୁ ୩୭% ଟ୍ରମ୍ପଙ୍କ ସପକ୍ଷରେ ମତ ଦେଇଛନ୍ତି। ୟୁଗଭ୍ ପକ୍ଷରୁ ହୋଇଥିବା ସର୍ଭେରେ ୪୩% ଲୋକ ହାରିସ ଟ୍ରମ୍ପଙ୍କଠୁ ଭଲ ପ୍ରଦର୍ଶନ କରିଥିବା କହିଥିଲେ। ୨୮% ଟ୍ରମ୍ପଙ୍କୁ ସମର୍ଥନ କରିଥିବା ବେଳେ ୩୦% ମଝି ରାସ୍ତା ବାଛିଥିଲେ।

# ଏଣିକି ପ୍ରଯୁକ୍ତି କରିବ ବର୍ଷା, ରୋକିବ ବଜ୍ରପାତ !

**ନୂଆଦିଲ୍ଲୀ, ୧୩।୯:** ଏଣିକି ଆବଶ୍ୟକତା ଅନୁସାରେ ବର୍ଷାକୁ ନିୟନ୍ତ୍ରଣରେ ରଖାଯାଇ ପାରିବ। ଅର୍ଥାତ୍ ଅତ୍ୟଧିକ ବର୍ଷା ହେଉଥିଲେ ଏହାକୁ ରୋକାଯାଇ ପାରିବ କିମ୍ବା ଆଦୌ ବୃଷ୍ଟିପାତ ହେଉନଥିଲେ ବର୍ଷା କରାଯାଇ ପାରିବ। ଏଥିପାଇଁ ଭାରତୀୟ ପାଣିପାଗ ବିଜ୍ଞାନୀମାନେ ଏକ ନୂତନ ଟେକ୍ନୋଲୋଜିର ଆବିଷ୍କାର କରିଛନ୍ତି। ଏହି ଟେକ୍ନୋଲୋଜି ମାଧ୍ୟମରେ କେବଳ ବର୍ଷା ନୁହେଁ, ବରଂ କୁଆପଥର ଏବଂ ବଜ୍ରପାତକୁ ମଧ୍ୟ ରୋକାଯାଇ ପାରିବ। ଏହି ପ୍ରୋଜେକ୍ଟର ନାମ 'ମିଶନ ମୌସମ' ରଖାଯାଇଛି, ଯାହାକୁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ମିଳିସାରିଛି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ୨,୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ଭୂବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ ରବିଚନ୍ଦ୍ରନ କହିଛନ୍ତି।




ସେ କହିଛନ୍ତି, "କୃତ୍ରିମ ବୃଷ୍ଟିପାତ ହ୍ରାସ ଏବଂ ବୃଦ୍ଧି ପାଇଁ ଆମେ ପ୍ରାରମ୍ଭିକ ପରୀକ୍ଷା କରିବାକୁ ଚାହୁଁଛୁ। ଲ୍ୟାବ୍ ସିମୁଲେସନ୍ (କ୍ଲାଉଡ୍ ଚାମ୍ବର) ଆସନ୍ତା ଦେଢ଼ ବର୍ଷ ମଧ୍ୟରେ କରାଯିବ, କିନ୍ତୁ କୃତ୍ରିମ ପାଣିପାଗ ପରିବର୍ତ୍ତନ ପାଇଁ ପାଞ୍ଚ ବର୍ଷ ସମୟ ଲାଗିବ। 'ମିଶନ ମୌସମ' ଅଧୀନରେ ବୈଜ୍ଞାନିକମାନେ ମଧ୍ୟ ଦେଶର ପାଣିପାଗ ପୂର୍ବାନୁମାନ ପ୍ରଣାଳୀରେ ଉନ୍ନତି ଆଣିବା ଉପରେ କାର୍ଯ୍ୟ କରିବେ, ଯାହା ଦ୍ୱାରା ସ୍ୱଳ୍ପ ଏବଂ ମଧ୍ୟମ ବୃଷ୍ଟିପାତ ବାବଦରେ ପୂର୍ବାନୁମାନ ଆହୁରି ସଠିକ୍ ହୋଇପାରିବ।" ଏହା ବ୍ୟତୀତ ଭାରତର ପାଣିପାଗ ବିଭାଗ (IMD) ଏବଂ ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଥିବା ଅନ୍ୟ ବିଜ୍ଞାନ ସମ୍ବନ୍ଧୀୟ ଅନୁଷ୍ଠାନଗୁଡ଼ିକର ସହଯୋଗରେ 'ମୌସମ ଜିପିଟି' ଏକ ଚାର୍ଟଜିପିଟି ପରି ଆପ୍ଲିକେସନ ମଧ୍ୟ ଲଞ୍ଚ୍ କରିବାକୁ ଯୋଜନା ରଖାଯାଇଛି। ଏହା ମାଧ୍ୟମରେ ପରବର୍ତ୍ତୀ ପାଞ୍ଚ ବର୍ଷ ମଧ୍ୟରେ ପାଣିପାଗ ସମ୍ବନ୍ଧରେ ସୂଚନା ଆହୁରି ସହଜରେ ମିଳିପାରିବ। ଏହି ସୂଚନା ଉଭୟ ଲିଖିତ ଏବଂ ଅଡିଓ ଫର୍ମାଟରେ ଉପଲବ୍ଧ ହେବ। ଏହି ମିଶନ ପାଇଁ ସରକାର ୨ ହଜାର କୋଟି ଟଙ୍କା ଅର୍ଥ ମଂଜୁର ହୋଇ ଥିବାବେଳେ ପରବର୍ତ୍ତୀ ସମୟରେ ଏଥିପାଇଁ ଅଧିକ ପାଣ୍ଠି ଦିଆଯିବ ବୋଲି ଭୂବିଜ୍ଞାନ ମନ୍ତ୍ରଣାଳୟର ସଚିବ କହିଛନ୍ତି। ତେବେ ଏୟାରକ୍ରାଫ୍ଟ ବ୍ୟବହାର କରି କ୍ଲାଉଡ୍ ସିଡିଂ ମାଧ୍ୟମରେ ବୃଷ୍ଟିପାତକୁ ରୋକିବା ଏବଂ ବଢ଼ାଇବାର ଏହି ଟେକ୍ନୋଲୋଜି ଆମେରିକା, କାନାଡ଼ା, ଚୀନ୍, ରୁଷ ଏବଂ ଅଷ୍ଟ୍ରେଲିଆ ସମେତ ଅନ୍ୟ ଦେଶରେ ସୀମିତ ଉପାୟରେ ବ୍ୟବହୃତ ହେଉଛି। ଆମ ଦେଶରେ ଏହା ଆଗାମୀ ୫ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି।

## ମମତାଙ୍କୁ ଆତଙ୍କୀ ସଂଗଠନର ଆହ୍ୱାନ

# ମୋଦିଙ୍କ ଶାସନରୁ ବେଙ୍ଗଲକୁ ମୁକ୍ତ କର

**କୋଲକାତା, ୧୩।୯:** ବାଂଲାଦେଶୀ ଆତଙ୍କବାଦୀ ଜଶିମୁଦ୍ଦିନ ରହମାଣି ହଫି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବଡ଼ ଆହ୍ୱାନ ଦେଇଛି। ବାଂଲାଦେଶରେ ଶେଖ ହସିନା ସରକାରଙ୍କ ପତନରେ ଜଶିମୁଦ୍ଦିନ ଜେଲରୁ ଖଲାସ ହୋଇଥିଲା। ଏବେ ସେ ବେଙ୍ଗଲକୁ ମୋଦିଙ୍କ ଶାସନରୁ ମୁକ୍ତ କରିବା ସହ ଏହାର ସ୍ୱାଧୀନତା ଘୋଷଣା କରିବା ପାଇଁ ମମତା ବାନାର୍ଜୀଙ୍କୁ କହିଛି। ଆତଙ୍କବାଦୀ ସଂଗଠନ ଅଲକାଏଦା ସହ ଲିଙ୍କ ରଖିଥିବା ଅନସାରୁଲ୍ଲା ବଙ୍ଗଳା ଟିମ(ଏବିଟି) ମୁଖ୍ୟ ଜଶିମୁଦ୍ଦିନ ଧମକ ଦେଇ କହିଛି ଯେ ଭାରତକୁ ଭଙ୍ଗା ଯିବ ଓ ଦିଲ୍ଲୀରେ ନିଶ୍ଚିତ ଭାବେ ଇସଲାମିକ ପତାକା ଉଡ଼ିବ। ମିଳିଥିବା ସୂଚନା ଅନୁସାରେ, ଜଶିମୁଦ୍ଦିନ ଗୋଟିଏ ଭିଡିଓ ରିଲିଜ କରି ଏପରି ଚେତାବନୀ ଦେଇଛି। ଏହି ଭିଡିଓଟି ଗୋଟିଏ ହସ୍ପିଠାଲର ୱାର୍ଡରେ ରେକର୍ଡ ହୋଇଛି। କୁହାଯାଉଛି ଯେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଜଶିମୁଦ୍ଦିନ ଭିଡିଓ ଶୁଟ ହୋଇଛି। କାରଣ ସେ ଶେଖ ହସିନାଙ୍କ ସରକାର ପତନ ହେବାର ମାସେ ପୂରିବା କଥା କହୁଛି। ଜଣେ ବ୍ଲଗରଙ୍କୁ ହତ୍ୟା କରିବା ଘଟଣାରେ ଜଶିମୁଦ୍ଦିନ ୫ ବର୍ଷ ହେଲା ଜେଲରେ ରହିଥିଲା। ଅଗଷ୍ଟ ମାସରେ ସେ ପାରୋଲରେ ମୁକ୍ତ ହୋଇଛି। ବିଦ୍ରୋହୀ ମତାମତ ଓ ପାକିସ୍ତାନର ବିଭିନ୍ନ ଆତଙ୍କୀ ସଂଗଠନ ସହ ଲିଙ୍କ ରଖିଥିବା ଜଶିମୁଦ୍ଦିନ ପଶ୍ଚିମବଙ୍ଗକୁ ଭାରତରୁ ଅଲଗା କରିବା ଆହ୍ୱାନ ଦେବା ସହ ସମଗ୍ର ଭାରତରେ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ହେବ ବୋଲି କହିଛି। ସେ କହିଛି ଯେ "ମୋଦିଙ୍କ ଶାସନରୁ ପଶ୍ଚିମବଙ୍ଗକୁ ମୁକ୍ତ କରିବା ପାଇଁ ଆମେ ମମତା ବାନାର୍ଜୀଙ୍କୁ କହିବୁ। ବେଙ୍ଗଲକୁ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରାଯାଉ।" ବାଂଲାଦେଶ ବିପକ୍ଷରେ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ମଧ୍ୟ ସେ ଭାରତକୁ ଚେତାବନୀ ଦେଇଛି। ସେ କହିଛି, "ବାଂଲାଦେଶ କେବେ ହେଲେ ସିକ୍କିମ କିମ୍ବା ଭୁଟାନ ନୁହେଁ। ଏହା ୧୮ କୋଟି ମୁସଲିମଙ୍କ ଦେଶ। ଯଦି ତୁମେ ବାଂଲାଦେଶ ବିପକ୍ଷରେ ପଦକ୍ଷେପ ନେବ, ତା'ହେଲେ ଆମେ ଚାଇନାକୁ ଚିକେନ ନେକ(ସିଲିଗୁଡ଼ି କରିଡର)କୁ ବନ୍ଦ କରିବାକୁ କହିବୁ। ଆମେ ୭ ଭଉଣୀକୁ(ଉତ୍ତରପୂର୍ବ ରାଜ୍ୟ) ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବାକୁ କହିବୁ।"



# ଲଗାଣ ବର୍ଷାରେ ଆଫଗାନିସ୍ତାନ-ନ୍ୟୁଜିଲାଣ୍ଡ ଟେଷ୍ଟ ସମ୍ପୂର୍ଣ୍ଣ ବାତିଲ



ନୂଆଦିଲ୍ଲୀ, ୧୩।୯: ଲଗାଣ ବର୍ଷା ଯୋଗୁ ଆଫଗାନିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସର୍ବପ୍ରଥମ ଟେଷ୍ଟ ଗୋଟିଏ ହେଲେ ବଲ ନପଡ଼ି ସମ୍ପୂର୍ଣ୍ଣ ବାତିଲ ହୋଇଯାଇଛି। ଟେଷ୍ଟ ଇତିହାସରେ ଅଷ୍ଟମ ଥର ଲାଗି ଗୋଟିଏ ହେଲେ ବଲ ନପଡ଼ି ଟେଷ୍ଟ ମ୍ୟାଚ ସମ୍ପୂର୍ଣ୍ଣ ବାତିଲ ହୋଇଛି। ୧୯୯୮ ପରେ ପ୍ରଥମ ଥର ପାଇଁ ଏଭଳି ଘଟିଛି। ନ୍ୟୁଜିଲାଣ୍ଡ ଏବଂ ଆଫଗାନିସ୍ତାନ ମଧ୍ୟରେ ଏହା ଥିଲା ପ୍ରଥମ ଟେଷ୍ଟ ମୁକାବିଲା। ଆଫଗାନିସ୍ତାନ ଟେଷ୍ଟ ମାନ୍ୟତା ପାଇବା ପରେ ଆଜି ପର୍ଯ୍ୟନ୍ତ କେବେ ନ୍ୟୁଜିଲାଣ୍ଡ ସହିତ ଟେଷ୍ଟ ମ୍ୟାଚ ଖେଳିନଥିଲା। ଆଫଗାନିସ୍ତାନ ଭାରତକୁ ଏହାର ହୋମ ଗ୍ରାଉଣ୍ଡ ଭାବେ ବିବେଚନା କରୁଛି। ଗ୍ରେଟର ନଏଡ଼ାରେ ଏହି ମ୍ୟାଚ ଆୟୋଜିତ ହେବାର ଥିଲା। ମ୍ୟାଚେର ପ୍ରଥମ ୪ ଦିନ ବର୍ଷାରେ ଧୋଇଯିବା ପରେ ଆଜି ପଞ୍ଚମ ଦିନରେ ମଧ୍ୟ ସକାଳୁ ବର୍ଷା ଆରମ୍ଭ ହୋଇଯାଇଥିଲା। ସକାଳେ ପିଚ ନିରୀକ୍ଷଣ ପରେ ଅମ୍ପାୟାର ଖେଳକୁ ସମ୍ପୂର୍ଣ୍ଣ ବାତିଲ ଘୋଷଣା କରିଥିଲେ।



### ଭାରତ ବିପକ୍ଷ ଟେଷ୍ଟ ସିରିଜ

## ବାଂଲାଦେଶ ଦଳରେ ନବାଗତ ଜାକର ଅଲ୍ଲୀ

ଢାକା, ତା ୧୩।୯: ଭାରତ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବାକୁ ଘୋଷିତ ବାଂଲାଦେଶ ଦଳରେ ଆହତ ଫାଷ୍ଟ ବୋଲର ସରିଫୁଲ ଇସଲାମଙ୍କ ସ୍ଥାନରେ ବ୍ୟାଟ୍ସମ୍ୟାନ ଜାକର ଅଲ୍ଲୀଙ୍କୁ ସାମିଲ କରାଯାଇଛି। ଘରୋଇ କ୍ରିକେଟରେ ତାଙ୍କ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ନ୍ୟାସନାଲ ସିଲେକ୍ସନ ଟିମ ତାଙ୍କୁ ଦଳରେ ସାମିଲ କରିଛନ୍ତି। ଭାରତ ବିପକ୍ଷରେ ସ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିବେ। ନିକଟରେ ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ଟେଷ୍ଟରେ ସରିଫୁଲ ଖେଳିଥିଲେ ମଧ୍ୟ ଦ୍ୱିତୀୟ ଟେଷ୍ଟଲାଗି ସେ ଦଳରେ ସାମିଲ ହୋଇନଥିଲେ। ଗ୍ରଏନ ଇଞ୍ଜୁରୀ ଯୋଗୁ ସେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ସମର୍ଥ ହୋଇପାରିନଥିଲେ। ସରିଫୁଲଙ୍କ ଅନୁପସ୍ଥିତିରେ ଟସକିନ ଅହମ୍ମଦ, ନସିଦ ରାଣା, ହସନ ମାହାମ୍ମୁଦ ଏବଂ କାଲେଦ ଅହମ୍ମଦ ଦଳର ପେସ ଆଟାକ ସମ୍ଭାଳିବେ। ଜାକର ଅଲ୍ଲୀ ଏ ଯାବତ ଟେଷ୍ଟ ଖେଳିନଥିଲେ ମଧ୍ୟ ବାଂଲାଦେଶ ବିପ୪ରେ ୧୭ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ୪୯ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ସେ ୪ଟି ଶତକ ହାସଲ କରିଛନ୍ତି। ତାଙ୍କ ବ୍ୟାଟିଂ ଆଭରେଜ ରହିଛି ୪୧.୪୭। ଭାରତୀୟ ପିଚ କଣ୍ଡିସନକୁ ଦେଖି ତାଙ୍କୁ ଜଣେ ଅତିରିକ୍ତ ବ୍ୟାଟର ଭାବେ ଦଳରେ ସାମିଲ କରାଯାଇଥିବା କହିଛନ୍ତି ମୁଖ୍ୟ ଚୟନ କର୍ତ୍ତା ହନନ ସରକାର କହିଛନ୍ତି। ନିକଟରେ ଇସଲାମାବାଦରେ ସେ ପାକିସ୍ତାନ-ଏ ବିପକ୍ଷରେ ୧୭୪ ରନ ସଂଗ୍ରହ କରି ତାଙ୍କ ଫର୍ମର ପ୍ରମାଣ ଦେଇଛନ୍ତି। ଭାରତ ବିପକ୍ଷରେ ଖେଳିବାରେ ସୁଯୋଗ ପାଇଲେ ସେ ମଧ୍ୟକ୍ରମରେ ବ୍ୟାଟିଂ କରିବେ।

**ଘୋଷିତ ଦଳ:** ନଜମୁଲ ହୋସେନ ସାନ୍ତୋ (ଅଧିନାୟକ), ସଦମାନ ଇସଲାମ, ଜାକିର ହସନ, ମୋମିନୁଲ ହକ, ମୁସଫିକର ରହିମ, ସାକିବଲ ହସନ, ଲିଟନ ଦାସ, ମେହେଦି ହସନ ମିରାଜ, ଜାକର ଅଲ୍ଲୀ, ଟସକିନ ଅହମ୍ମଦ, ହସନ ମାହମ୍ମୁଦ, ନସିଦ ରାଣା, ତଇଜୁଲ ଇସଲାମ, ମାହମ୍ମୁଦୁଲ ହସନ, ନୟିମ ହସନ ଓ ଖାଲେଦ ଅହମ୍ମଦ।

## ଚେନ୍ନାଇ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆର ଅଭ୍ୟାସ

### ୧୯ରୁ ବାଂଲାଦେଶ ସହ ମୁକାବିଲା

ଚେନ୍ନାଇ, ୧୩।୯ (ଏଜେନ୍ସି): ବାଂଲାଦେଶ ବିପକ୍ଷ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଟିମ୍ ଇଣ୍ଡିଆ ଶୁକ୍ରବାର ଚେନ୍ନାଇରେ ଖୁବ୍ ଝାଳ ବୁହାଇଛି। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏକ୍ସରେ ଟିମ୍‌ର କେତେକ ଅଭ୍ୟାସ ଫଟୋ ପୋଷ୍ଟ କରିଛି। ଏଥିରେ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ଟିମ୍‌ର ଅନ୍ୟ ଖେଳାଳି ଓ କୋଚିଂ ଷ୍ଟାଫ୍‌ଙ୍କ ସହ ଦେଖିବାକୁ ମିଳୁଛି। ଟିମ୍ ଇଣ୍ଡିଆ ଏଠାରେ ସେପ୍ଟେମ୍ବର ୧୯ରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବ। ଅଭିଜ୍ଞ ବ୍ୟାଟର୍ ବିରାଟ କୋହଲି ଆଜି ଭୋର୍ ଚାରିଟାରେ ବିମାନରେ ଲଣ୍ଡନରୁ ଚେନ୍ନାଇରେ ଆସି ପହଞ୍ଚିଥିଲେ। ତାଙ୍କୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବିମାନବନ୍ଦରରୁ ବାହାରୁଥିବାର ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ଗୁରୁବାର ରାତିରେ ରୋହିତ, ପେସର୍ ଯଶପ୍ରୀତ ବୁମ୍‌ରା, ଲୋକେଶ ରାହୁଲ ଓ ୱିକେଟ୍‌କିପର୍ ରିଷଭ ପନ୍ତଙ୍କୁ ଟିମ୍ ବସ୍‌ରେ ଚଢ଼ୁଥିବାର ଦେଖିବାକୁ ମିଳିଥିଲା।

### ଦୁଲିପ ଟ୍ରଫି କ୍ରିକେଟ

## ଇଣ୍ଡିଆ-ସି' ୫୨୫ରେ ଅଲଆଉଟ

### ଇଣ୍ଡିଆ-ଡି' ବିପକ୍ଷରେ ଇଣ୍ଡିଆ-ଏ ଅଗ୍ରଣୀ



**ଅନନ୍ତପୁର, ତା ୧୩।୯:** ଏଠାରେ ଚାଲିଥିବା ଦୁଲିପ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ଇଣ୍ଡିଆ-ବି' ବିପକ୍ଷରେ ଇଣ୍ଡିଆ-ସି' ଏହାର ପ୍ରଥମ ଇନିଂସରେ ୫୨୫ ରନ କରି ଅଲ ଆଉଟ ହୋଇଛି। ଦଳ ପକ୍ଷରୁ ଇଷାନ କିଶନ ୧୧୧ ରନ ସଂଗ୍ରହ କରିଥିବା ବେଳେ ଅଧିନାୟକ ରୁତୁରାଜ ଗାଏକୱାଡ ୫୮, ବାବା ଇନ୍ଦ୍ରଜିତ ୭୮ ଏବଂ ମାନବ ସୁତାର ୮୨ ରନ କରିଛନ୍ତି। ଇଣ୍ଡିଆ-ବି' ପକ୍ଷରୁ ମୁକେଶ କୁମାର ଏବଂ ରାହୁଲ ଚହର ୪ଟି ଲେଖାଏଁ ୱିକେଟ ଦଖଲ କରିଛନ୍ତି। ଜାବାବରେ ଇଣ୍ଡିଆ ବି' ଏହାର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ବିନା କ୍ଷତିରେ ୪୬ ରନ ସଂଗ୍ରହ କରିଛି।

ଅନ୍ୟ ଏକ ମ୍ୟାଚରେ ଇଣ୍ଡିଆ-ଏର ପ୍ରଥମ ଇନିଂସ ସ୍କୋର ୨୯୦ ରନ ଜବାବରେ ଇଣ୍ଡିଆ-ଡି' ଏହାର ପ୍ରଥମ ଇନିଂସରେ ୧୮୩ ରନ କରି ଅଲଆଉଟ ହୋଇଛି। ଫଳରେ ଇଣ୍ଡିଆ ଏ ପ୍ରଥମ ଇନିଂସରେ ୧୦୭ରନରେ ଅଗ୍ରଣୀ ହାସଲ କରିଛି। ଇଣ୍ଡିଆ ଡି' ପକ୍ଷରୁ ଦେବଦତ୍ତ ପାଡିକଲ ସର୍ବାଧିକ ୯୨ ରନ କରି ଗୋଟିଏ ପଟୁ ଲଢ଼େଇ ଜାରି ରକିଥିବା ବେଳେ ଅନ୍ୟ ପଟୁ ତାଙ୍କୁ କେହି ସହଯୋଗ କରିପାରିନଥିଲେ। ଫଳରେ ମାତ୍ର ୮ରନ ପାଇଁ ସେ ଏକ କୃତିତ୍ୱପୂର୍ଣ୍ଣ ଶତକରୁ ବଂଚିତ ହେଲେ। ପାଡିକଲଙ୍କ ବ୍ୟତିତ କେବଳ ହର୍ଷିତ ରାଣା ୩୧ ରନ କରି ତାଙ୍କୁ କିଛିଟା ସହଯୋଗ କରିଥିଲେ। ଇଣ୍ଡିଆ-ଏ' ପକ୍ଷରୁ ଖଲିଲ ଅହମ୍ମଦ ଏବଂ ଆକ୍ୱିବ ଖାନ ୩ ଟିଲେଖାଏଁ ୱିକେଟ ଦଖଲ କରିଥିଲେ।

## ରୋହିତ ଭାରତର ସର୍ବଶ୍ରେଷ୍ଠ ବ୍ୟାଟର୍

**ନୂଆଦିଲ୍ଲୀ, ୧୩।୯:** ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ (ଡବ୍ଲ୍ୟୁଟିସି) ୨୦୨୩-୨୫ ଚକ୍ରରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ତା'ର ଶେଷ ଲେଗ୍ ଖେଳିବାକୁ ଯାଉଛି, ଯେଉଁଥିରେ ଆସନ୍ତା ଚାରି ମାସ ମଧ୍ୟରେ ଟିମ୍ ୧୦ ଟେଷ୍ଟ ଖେଳିବ। ଡବ୍ଲ୍ୟୁଟିସିର ଓଭରଅଲ୍ ସ୍କୋରର୍ ତାଲିକାରେ ରୋହିତ ଭାରତୀୟ ବ୍ୟାଟର୍‌ଙ୍କ ମଧ୍ୟରେ ସର୍ବାଗ୍ରେ ଅଛନ୍ତି।

ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷରେ ଭାରତୀୟ ଟିମ୍‌ର ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବ। ଜୁନ୍‌ରେ ଟି-୨୦ ବିଶ୍ୱକପ୍ ବିଜୟ ପରେ କ୍ଷୁଦ୍ରତମ ଫର୍ମାଟ୍‌ରୁ ଅବସର ଗ୍ରହଣ କରିଥିବା ଦୁଇ ଭେଟେରାନ୍ - ଅଧିନାୟକ ରୋହିତ ଓ ବିରାଟ କୋହଲି ଶେଷ ଥର ଶ୍ରୀଲଙ୍କାରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିଥିଲେ। ଏବେ ଡବ୍ଲ୍ୟୁଟିସି ଟେବୁଲ୍‌ରେ ଭାରତର ଶୀର୍ଷତ୍ୱ ବଜାୟ ରଖିବା ଲକ୍ଷ୍ୟ ନେଇ ଉଭୟେ ମଇଦାନକୁ ଓହ୍ଲାଇବେ। ଉଭୟଙ୍କୁ ସେପ୍ଟେମ୍ବର ୫ରୁ ଆରମ୍ଭ ହୋଇଥିବା ଦଲୀ ଟ୍ରଫିରୁ ବିଶ୍ରାମ ଦିଆଯାଇଥିଲା। ପ୍ରଥମ ଟେଷ୍ଟ ଚେନ୍ନାଇରେ ଓ ଦ୍ୱିତୀୟ ଟେଷ୍ଟ କାନ୍‌ପୁରରେ ଖେଳାଯିବ। ଘରୋଇ ମାଟିରେ ଉଭୟଙ୍କ ଠାରୁ ଭଲ ବ୍ୟାଟିଂ ପ୍ରଦର୍ଶନ ଆଶା କରାଯିବ। ୨୦୧୯ରେ ଆରମ୍ଭ ହୋଇଥିବା ଡବ୍ଲ୍ୟୁଟିସିର ଓଭରଅଲ୍ ସ୍କୋରର୍ ତାଲିକାରେ ଓପନର୍ ରୋହିତ ଭାରତୀୟଙ୍କ ମଧ୍ୟରେ ସର୍ବାଧିକ ୨୫୫୨ ରନ୍ ସଂଗ୍ରହ କରିଛନ୍ତି। ସେ ୩୨ ଟେଷ୍ଟର ୫୪ ଇନିଂସ୍ ଖେଳି ୫୦.୦୩ ଆଭରେଜ୍‌ରେ ସ୍କୋର୍ କରିଛନ୍ତି। ତେବେ ଓଭର୍‌ଅଲ୍ ତାଲିକାରେ ରୋହିତ ଅଷ୍ଟମ ସ୍ଥାନରେ ରହିଛନ୍ତି। ଭାରତୀୟଙ୍କ ମଧ୍ୟରେ ବିରାଟ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୩୬ ଟେଷ୍ଟର ୬୦ ଇନିଂସ୍ ଖେଳି ୩୯.୨୧ ଆଭରେଜ୍‌ରେ ୨୨୩୫ ରନ୍ କରିଛନ୍ତି। ତାଲିକାରେ ଇଂଲଣ୍ଡର ଜୋ' ରୁଟ୍ ଏକ ନମ୍ବର ସ୍ଥାନରେ ଅଛନ୍ତି, ଯାହାଙ୍କ ନାମରେ ୫୮ ମ୍ୟାଚ୍‌ର ୧୦୮ ଇନିଂସ୍‌ରେ ୪୯୭୩ ରନ୍ ରହିଛି। ତାଙ୍କର ଆଭରେଜ୍ ରହିଛି ୫୧.୨୬। ଏହି ସମୟରେ ସେ ୧୬ ଶତକ ଓ ୨୦ ଅର୍ଦ୍ଧଶତକ ହାସଲ କରିଛନ୍ତି। ରୋହିତ ଡବ୍ଲ୍ୟୁଟିସିରେ ଏ ଯାବତ ନଅ ଶତକ ଲଗାଇଛନ୍ତି, ଯାହା ଭାରତୀୟ ବ୍ୟାଟର୍‌ଙ୍କ ମଧ୍ୟରେ ସର୍ବାଧିକ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ବିରାଟ, ମୟଙ୍କ ଅଗ୍ରୱାଲ ଓ ଶୁବମନ ଗିଲ୍ ଚାରି ଲେଖାଏଁ ଶତକ ମାରିଛନ୍ତି।

ଏହାଛଡ଼ା ରୋହିତ ଡବ୍ଲ୍ୟୁଟିସିରେ ଏ ଯାବତ ୫୨ ଛକା ମାରିଛନ୍ତି, ଯାହାକି ଦ୍ୱିତୀୟ ସର୍ବାଧିକ। ଇଂଲଣ୍ଡର ବେନ୍ ଷ୍ଟୋକ୍ସ ୮୧ ଛକା ମାରି ଶୀର୍ଷରେ ଅଛନ୍ତି। ଅଲ୍‌ରାଉଣ୍ଡର୍ ଷ୍ଟୋକ୍ସ ୪୮ ଟେଷ୍ଟର ୮୮ ଇନିଂସ୍ ଖେଳି ୩୧୦୧ ରନ୍ କରିଛନ୍ତି। ଭାରତୀୟ ଅଧିନାୟକ ୫୪ ଇନିଂସ୍‌ରେ ୩୦୧ ଚୌକା ମାରିଛନ୍ତି। ଏହା ମଧ୍ୟ ଡବ୍ଲ୍ୟୁଟିସିରେ ଭାରତୀୟ ବ୍ୟାଟର୍‌ଙ୍କ ମଧ୍ୟରେ ସର୍ବାଧିକ। ବିରାଟ ୨୬୦ ଚୌକା ମାରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ବାଂଲାଦେଶ ବିପକ୍ଷ ଶୃଙ୍ଖଳା ପରେ ଭାରତୀୟ ଟିମ୍ ଘରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ଟେଷ୍ଟ ବିଶିଷ୍ଟ ଶୃଙ୍ଖଳା ଖେଳିବ। ଏହାପରେ ଟିମ୍ ପାଞ୍ଚ ଟେଷ୍ଟ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଯିବ।

ଡବ୍ଲ୍ୟୁଟିସି ୨୦୨୩-୨୫ ଟେବୁଲ୍‌ରେ ଟିମ୍ ଇଣ୍ଡିଆ ଏବେ ୬୮.୫୨ ପଏଣ୍ଟ ପ୍ରତିଶତ ସହ ଶୀର୍ଷରେ ଥିବା ବେଳେ ୨୦୨୧-୨୩ ଚାମ୍ପିଅନ୍ ଅଷ୍ଟ୍ରେଲିଆ ୬୨.୫୦ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ରହିଛି।

ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାଜତରେ...

ଝିଅ ମରିବା ପରେ ନ୍ୟାୟ ଆଶା ରେ ସୁଦୂର କୋରାପୁଟରୁ ଖଣ୍ଡଗିରି ଆସିଥିବା ଲୋକକୁ ଥାନା ଭିତରେ ଏଭଳି ବ୍ୟବହାର ଦେଖି ଅବାକ ହୋଇଯାଇଥିଲେ ସଭିଏଁ।

କେବଳ ଏହି ଗୋଟିଏ ଘଟଣା ନୁହେଁ । କଲମ, ଡାଏରୀ, ଚାବି , ବାଡ଼ି ଆଦି ତଳେ ପଡିଗଲେ କିଛି ଗୋଟିଏ ବିଘ୍ନ ହେବ ବୋଲି ଆଶଙ୍କା କରି ପୂଜାର୍ଚ୍ଚନା କରୁଛନ୍ତି କିଛି ଥାନା ବାବୁ। ବରିଷ୍ଠ ଆଇପିଏସ ଅଧିକାରୀ ଅରୁଣ ଷଡ଼ଙ୍ଗୀଙ୍କ କହିବା ମୁତାବକ ସେ ଡିଜିପି ଥିବା ସମୟରେ ଏଭଳି ଅନେକ ଘଟଣାକୁ ନେଇ ସେ ପୋଲିସ ଅଧିକାରୀ ମାନଙ୍କୁ ତାଗିଦ କରିଛନ୍ତି । କିନ୍ତୁ ଅନେକଙ୍କୁ ମନରୁ ଏଭଳି ଅନ୍ଧବିଶ୍ୱାସ କୁ ଆଜି ବି ଦୂର କରାଯାଇ ପାରିନଥିବା ସେ ସ୍ୱୀକାର କରିଛନ୍ତି। ହୁଏତ ଏଭଳି କ୍ଷେତ୍ରରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏଭଳି ଘଟଣାର ପୁନରାବୃତ୍ତି ହୁଅନ୍ତା ନାହିଁ ବୋଲି କହିଛନ୍ତି ଅବସରପ୍ରାପ୍ତ ପୋଲିସ ଡିଜି ସଞ୍ଜୀବ ମାରିକ।

### 'ବିକଶିତ ଭାରତ'ର...

କାମଧେନୁ ଯୋଜନା' ଯୋଜନା ପ୍ରଣୟନ କରାଯାଇଛି।

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହିତ ଦୁଗ୍ଧ ସମବାୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ଡେଏରୀ ବିକାଶ ବୋର୍ଡ ସହିତ ଆଜି ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏନ୍‌ଡିଡିବି ସହଯୋଗରେ ବ୍ରହ୍ମପୁରଠାରେ ଏକ ଟିକା ଉତ୍ପାଦନ କେନ୍ଦ୍ର ଏବଂ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ଗୋଖାଦ୍ୟ ବିଶ୍ଳେଷଣ କେନ୍ଦ୍ର ସ୍ଥାପନ ହେବ। ଛେଳି, ମେଣ୍ଢା ଓ କୁକୁଡ଼ା ପାଳନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ 'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା' ଆରମ୍ଭ କରାଯିବ। ବୁଲା ଓ ଅବହେଳିତ ପ୍ରାଣୀସମ୍ପଦର ଯତ୍ନ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା' ଆରମ୍ଭ କରାଯାଇଛି। 'ବିକଶିତ ଓଡିଶା୨୦୩୬' କୁ ଆଖି ଆଗରେ ରଖି କୃଷକଙ୍କ ଦ୍ୱାରଦେଶରେ ୨୪ ଘଣ୍ଟିଆ ପ୍ରାଣୀସ୍ୱାସ୍ଥ୍ୟ ସେବା ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଏକ ସମନ୍ୱିତ କେନ୍ଦ୍ର ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି।

କେନ୍ଦ୍ର ମତ୍ସ୍ୟ, ପଶୁସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ କହିଥିଲେ ଯେ ଓଡିଶାର ବିକାଶ ପାଇଁ ପଶୁପାଳନ ସମ୍ବନ୍ଧୀୟ ସମସ୍ତ କ୍ଷେତ୍ରର ବିକାଶ ପାଇଁ କେନ୍ଦ୍ରର ସହଯୋଗ ରହିବ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଚଳିତ ବର୍ଷ ପ୍ରାଣୀ ସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଆମ ସରକାର ପ୍ରାଣୀ ସମ୍ପଦର କଲ୍ୟାଣ ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, କୃଷକଙ୍କ ରୋଜଗାର ବୃଦ୍ଧି କରିବାରେ ପ୍ରାଣୀପାଳନ କ୍ଷେତ୍ର ବହୁ ସହାୟତା ପ୍ରଦାନ କରୁଛି। ଓଡିଶା ସରକାର ରାଜ୍ୟରେ ଦୁଗ୍ଧ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ପ୍ରତିବଦ୍ଧ ଅଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ, କଟକ ଜିଲ୍ଲା ନରାଜ ତଳଗଡ ଠାରେ ସେଣ୍ଟ୍ରାଲ ପୋଲଟ୍ରି ଡେଭଲ୍‌ପମେଣ୍ଟ ସଂସ୍ଥାର ନୂତନ ୟୁନିଟ୍, ଓମଫେଡର ନୂଆ ଗୋଲ୍ଡ ପ୍ଲସ ଦୁଗ୍ଧ ପ୍ୟାକେଟ୍, କିଷାନ କ୍ରେଡିଟ୍ କାର୍ଡ ଅଭିଯାନ, ନ୍ୟାସନାଲ ଲେବଲ ମନିଟର ଆପ୍ଲିକେସନର ଉଦ୍‌ଘାଟନ କରିବା ସହ ପ୍ରାଣୀପାଳନ କ୍ଷେତ୍ରରେ ୧୦୧ ଜଣ ମହିଳାଙ୍କ ସଫଳ କାହାଣୀ ଉପରେ ଆଧାରିତ କଫି ଟେବଲ୍ ବୁକ୍, କୁକୁଡାଙ୍କୁ ହେଉଥିବା ରୋଗର ନିରାକରଣ ସମ୍ବନ୍ଧୀୟ ପୁସ୍ତକ ଇତ୍ୟାଦିର ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ, ପଶୁ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ର ମନ୍ତ୍ରୀ ଏସ୍.ପି ସିଂ ବଘେଲ ଏବଂ ଜର୍ଜ କୁରିୟାନ, କେନ୍ଦ୍ର ସରକାରଙ୍କ ବିଭାଗୀୟ ସଚିବ ଅଲକା ଉପାଧ୍ୟାୟ ପ୍ରମୁଖଙ୍କ ସମେତ ଅରୁଣାଚଳ ପ୍ରଦେଶ, ବିହାର, ଗୁଜୁରାଟ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, କେରଳ, ମଧ୍ୟ ପ୍ରଦେଶ, ମେଘାଳୟ, ମିଜୋରାମ, ରାଜସ୍ଥାନ, ସିକିମ, ତ୍ରିପୁରା, ଉତ୍ତର ପ୍ରଦେଶ ଏବଂ ମହାରାଷ୍ଟ୍ରର ବିଭାଗୀୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ୪ହଜାର...

ବିପଦକୁ ସୂଚାଉଛି ଯେ ନୂତନ ଲିଜ୍‌ଧାରୀମାନେ ଉତ୍ପାଦିତ ଲୁହାପଥରର ଗ୍ରେଡ୍‌କୁ ଭୁଲ ରିପୋର୍ଟ କରୁଛନ୍ତି, ଯାହା ଫଳରେ ଉଚ୍ଚ ଗ୍ରେଡ୍‌ରେ ଅଧିକ ରୟାଲ୍‌ଟି ଏବଂ ପ୍ରିମିୟମ ପ୍ରଦାନ କରାଯାଇପାରିବ ନାହିଁ। ପୁରୁଣା ଲିଜ୍‌ଧାରୀଙ୍କ ରିପୋର୍ଟ ଅନୁଯାୟୀ ଉତ୍ପାଦନର ଗ୍ରେଡ୍ ତୁଳନାରେ ନିଲାମ ପରେ ଲମ୍ପ ଏବଂ ଜରିମାନା ଉତ୍ପାଦନର ଗ୍ରେଡ୍‌ରେ ପରିବର୍ତ୍ତନ ଯୋଗୁଁ ୨୦୨୦-୨୧ ଏବଂ ୨୦୨୧-୨୨ରେ ନିଲାମ ପରେ କମ୍ ରୟାଲ୍‌ଟି ଏବଂ ପ୍ରିମିୟମ୍ ଆକାରରେ ପ୍ରାୟ ୪,୧୬୨.୭୭ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ପରିବେଶ ମଞ୍ଜୁରୀ (ଇସି)ରେ ଧାର୍ଯ୍ୟ ସୀମାଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ପାଦନ ସିଏଜିଙ୍କ ନଜରକୁ ଆସିଥିଲା, ଯେଉଁଥିରେ ବେଆଇନ ଖଣି ଖନନ ପାଇଁ ୧,୬୯୯.୦୫ କୋଟି ଟଙ୍କା ଦେବାକୁ ପଡ଼ିବ।

ଗୋଟିଏ କ୍ରୋମାଇଟ୍ ଖଣି କ୍ଷେତ୍ରରେ ବିନା ଅନୁମତିରେ ଜଙ୍ଗଲ ଜମିରୁ ଅନଧିକୃତଭାବେ ଖଣିଜ ଉତ୍ତୋଳନ ହୋଇଥିଲା, ଯେଉଁଥିପାଇଁ ୧୫୦.୧ କୋଟି ଟଙ୍କା ଦେବାକୁ ପଡ଼ିବ। ସେହିପରି ୮ଟି ଲୁହାପଥର ଖଣି ଅନୁମୋଦିତ ଯୋଜନାରେ ଧାର୍ଯ୍ୟ ସୀମାଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ପାଦନ କରି ପାଖାପାଖି ୩୬୧୮.୫ କୋଟି ଟଙ୍କା ଆଦାୟ କରିଛି।

### ଜଙ୍ଗଲ ଜମିର...

୨୬୫୮.୨୩ ହେକ୍ଟର ଜମର କିସମ ବଦଳାଯାଇଛି। ଏହାପଛକୁ ରହିଛି ହିମାଚଳ ପ୍ରଦେଶ। ଏହି ରାଜ୍ୟର ୧୧ଟି ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ ଦେଇ ୨୨୫୮ ହେକ୍ଟର ଜମିର କିସମ ବଦଳାଯାଇଛି। ପରିବେଶ ପୋର୍ଟାଲ୍‌ରେ ଏହାର ସମ୍ପୂର୍ଣ୍ଣ ବିବରଣୀ ରହିଛି। ସମ୍ପୃକ୍ତ ରାଜ୍ୟଗୁଡ଼ିକ ପକ୍ଷରୁ ସର୍ବଶେଷ ନିର୍ଦ୍ଦେଶ ଆସିବା ପରେ କେନ୍ଦ୍ର ସରକାର ଏହି ଅନୁମତି ପ୍ରଦାନ କରିଥାଆନ୍ତି।

ଖଣି ଦୁର୍ନୀତି ଏବଂ ଖଣିଜ କମ୍ପାନୀମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ ଓଡ଼ିଶାକୁ ଗୋଟିଏ ସମୟରେ ଚର୍ଚ୍ଚା ପରିଧିକୁ ଆଣିଥିଲା। ଏପରିକି ଏମ୍ ବି ଶାହ କମିଶନ ରିପୋର୍ଟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ କିପରି ହନନ କରାଯାଇ ଦୁର୍ନୀତି ମଞ୍ଜି ବୁଣାଯାଇଛି ତାହା ସ୍ପଷ୍ଟ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଖଣିଜ କମ୍ପାନୀମାନଙ୍କଦ୍ୱାରା ହୋଇଥିବା ଦୁର୍ନୀତିର କ୍ଷତିପୂରଣ ବାବଦରେ ବିପୁଳ ଜରିମାନା ସଂଗ୍ରହ କରାଯାଇଥିଲା। ତଥାପି ଖଣିକାରବାର ଦୁର୍ନୀତିରେ ରୋକ ଲାଗି ପାରନାହିଁ। ଲୋକଙ୍କ ବିରୋଧ ଏବଂ ବିଭିନ୍ନ ଆଦିବାସୀ ତଥା ବୁଦ୍ଧିଜୀବୀ ସଂଗଠକଙ୍କ ବିରୋଧ ସତ୍ତ୍ୱେ ନବୀନ ସରକାର ଗୋଟିକ ପରେ ଗୋଟିଏ ଖଣିକୁ ଜଙ୍ଗଲ କିସମ ବଦଳାଯାଇଥିବା ପ୍ରମାଣପତ୍ର ଖଣିସଂସ୍ଥାଗୁଡ଼ିକୁ ପ୍ରଦାନ କରିଥିଲା। ନବୀନ ସରକାରଙ୍କ ଏହି କାର୍ଯ୍ୟ ବ୍ୟାପକ ପାର୍ଟି ଫାଣ୍ଡି ଯୋଗାଡ଼ରେ ସହାୟକ ହୋଇଥିବା ବି ଆଲୋଚନା ହେଉଛି। ଏ କ୍ଷେତ୍ରରେ ତଦନ୍ତ ହେଲେ ସବୁକିଛି ପଦାକୁ ଆସିବ ବୋଲି ଦାବି ହେଉଛି।

### ପ୍ରଧାନମନ୍ତ୍ରୀଙ୍କ...

ଅଧିକାରୀ ପ୍ରବୋଧ କୁମାର ରାଉତ ଗତ ବର୍ଷ ତଳୁ ମୃତ୍ୟୁବରଣ କରିସାରିଲେଣି। ଗତ ୨୦୨୩ ଜୁଲାଇ ମାସରେ ପ୍ରବୋଧ କୁମାର ରାଉତ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗର ଏଭଳି ଦାୟିତ୍ୱହୀନ ତାଲିକା ପ୍ରସ୍ତୁତିକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଉଛି।

### ବାବୁଙ୍କ...

ଛାଡ଼ିବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏନେଇ ଆବଶ୍ୟକ ନିର୍ଦ୍ଦେଶନାମା ସମସ୍ତ ଅଫିସରମାନଙ୍କୁ ଜାରି କରିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପରାମର୍ଶ ଦେଇଛି। ସାଧାରଣ ପ୍ରଶାସନ ବିଭାଗର ଏହି ଚିଠି ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ସେପ୍ଟେମ୍ବର ୧୪ରୁ ୧୬ତାରିଖ ଅଫିସ୍ ଖୋଲା ରହିବ ବୋଲି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

### କ୍ଷମତାରେ ରହିବା...

ସରକାର ଚାଲିଥିଲା। ଲୋକଙ୍କ ଆବଶ୍ୟକତା ପୂରଣ କି ରାଜ୍ୟର ବିକାଶ ତାଙ୍କ ପ୍ରାଥମିକତା ନଥିଲା। ନବୀନ କେବଳ କ୍ଷମତାକୁ ଆସିବା ପାଇଁ ଶାସନ କରୁଥିଲେ। ହେଲେ ବର୍ତ୍ତମାନ ସ୍ଥିତି ବଦଳିଛି। ରାଜ୍ୟବାସୀ ନିଜର ମାନସିକତା ପରିବର୍ତ୍ତନ କରିଛନ୍ତି। ମିଛ ମାୟା ଓ ଏକଛତ୍ରବାଦ ଶାସନରୁ ମୁକ୍ତ ହୋଇ ବିକାଶ ସହ ଯୋଡି ହୋଇଛନ୍ତି। ବର୍ତ୍ତମାନର ରାଜ୍ୟ ସରକାର କ୍ଷମତା ଲୋଭୀ ନହୋଇ ବିକଶିତ ଓଡିଶା ଗଠନ ଲକ୍ଷ୍ୟରେ କାମ କରୁଛି। ଆଉ ଏବେର ଡବଲ ଇଂଜିନ ସରକାରରେ ଲୋକମାନେ ବିକାଶରେ ଭାଗିଦାରୀ ହେଉଛନ୍ତି।

### ଆଖିବୁଜା ସଂଯୋଗ...

କାର୍ପେଟଦାର ସାଜିଥିବା ଟାଟା ପାୱାରର ସ୍ଥାନୀୟ ବିଦ୍ୟୁତ୍ ଅଫିସ୍ ସବୁ ଦେଖି ନଦେଖିଲା ଭଳିଆ ହେଉଛନ୍ତି । ମାସିଆ ବଟି ନେଇ ନିରବ ରହୁଥିବାବେଳେ ବିଜୁଳି ସଂଯୋଗ ପରେ ପରେ ଏହି ଜବରଦଖଲକାରୀଙ୍କୁ ଜଳ ସଂଯୋଗ ବି ମିଳିଯାଉଛି । ତେବେ ଜବରଦଖଲକାରୀଙ୍କୁ ଯଦି ସହଜରେ ବିଜୁଳି ସଂଯୋଗ ନିଳିବ ତେବେ ରାଜଧାନୀରେ ଜବରଦଖଲ ଆଦୌ ହେବନାହିଁ ବୋଲି ମତପ୍ରକାଶ ପାଉଛି ।

## ପୂର୍ବତନ ଉପଜିଲ୍ଲାପାଳଙ୍କୁ ଜେଲ

**ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ):** ଆୟ ବହିର୍ଭୂତ ସଂପତ୍ତି ଠୁଳ ମାମଲାରେ ଝାରସୁଗୁଡ଼ାର ପୂର୍ବତନ ଉପ-ଜିଲ୍ଲାପାଳ (ଅବସରପ୍ରାପ୍ତ) ପ୍ରଦୀପ କୁମାର ବାରିକଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟ। କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡାଦେଶ ସହିତ ୧ ଲକ୍ଷଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଭିଜିଲାନ୍ସ ପକ୍ଷରୁ ପ୍ରଦୀପଙ୍କ ପେନସନ ବନ୍ଦ କରିବାକୁ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଛି।

## ତ୍ରିଶୁଳିଆ ଶାନ୍ତି ଭବନ ଆପାର୍ଟମେଣ୍ଟରୁ ଲୁଟ୍

**ଭୁବନେଶ୍ୱର, ୧୩।୯(ସଂଚାର ବ୍ୟୁରୋ):** ବାରଙ୍ଗ ଥାନା ଅଧୀନସ୍ଥ ତ୍ରିଶୁଳିଆ ବେଲଗଛିଆ ନିକଟସ୍ଥ କୁଆଖାଇ ନଦୀ ତଟରେ ଥିବା ଏକ ଶାନ୍ତି ଭବନ ଆପାର୍ଟମେଣ୍ଟରୁ ୨୦ ଲକ୍ଷ ଟଙ୍କାର ୪୦୦ ଗ୍ରାମର ସୁନା ଅଳଙ୍କାର ସମେତ ବହୁ ଦାମୀ ଜିନିଷ ଚୋରୀ ହୋଇଥିବା ନେଇ ଶୁକ୍ରବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ତ୍ରିଶୁଳିଆ ବେଲଗଛିଆ ଗ୍ରାମ ନିକଟସ୍ଥ କୁଆଖାଇ ନଦୀ ତଟରେ ଥିବା ଶାନ୍ତି ଭବନ ଆପାର୍ଟମେଣ୍ଟର ଦ୍ୱିତୀୟ ମହଲାର ବି-୨୦୪ ନଂ ରୁମର ମାଲିକ ଡି.କେ ମହାପାତ୍ରଙ୍କ ଫ୍ଲାଟରୁ ଗୁରୁବାର ବିଳମ୍ବିତ ରାତିରେ ବଡ଼ ଧରଣର ଚୋରୀ ହୋଇଛି। ରୁମର ମୁଖ୍ୟ ଫାଟକ ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ଭିତରକୁ ପସି ଆଲମାରୀ ଭାଙ୍ଗିଥିଲେ। ପରେ ଦୁର୍ବୃତ୍ତ ଆଲମାରୀ ଭିତର ଲକରକୁ ଭାଙ୍ଗି ସେଥିରେ ଥିବା ପ୍ରାୟ ୪୦ ଭରି ସୁନା ରୂପା ଗହଣା ଚୋରୀ କରିନେଇଥିବା ତାଙ୍କ ପୁଅ ସନ୍ଦୀପ ମହାପାତ୍ର ଶୁକ୍ରବାର ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଡ଼ି. କେ ମହାପାତ୍ର ଜଣେ ଅବସରପ୍ରାପ୍ତ ସେଲ (ଷ୍ଟିଲ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ) ଅଧିକାରୀ। ସେ ଉକ୍ତ ଆପାର୍ଟମେଣ୍ଟରେ ପରିବାର ସହ ଦୀର୍ଘ ଦିନରୁ ରହି ଆସୁଛନ୍ତି। ପୁଅ ସନ୍ଦୀପ ମହାପାତ୍ର କଟକରେ ରହୁଥିବାରୁ ଉକ୍ତ ଘରେ କେହି ରୁହନ୍ତି ନାହିଁ। ଦୀର୍ଘ ଦୁଇ ମାସ ହେବ ଉକ୍ତ ଫ୍ଲାଟରେ କେହି ରହିନଥିଲେ। ସେଥିପାଇଁ ଘରର ଦେଖାଶୁଣା କରିବା ପାଇଁ ଜଣେ ଝାଡୁଦାରଙ୍କୁ ସନ୍ଦୀପ କାର୍ଯ୍ୟରେ ରଖିଥିଲେ। ପଡୋଶୀ ବିଷ୍ଣୁ ମୋହନ ପଣ୍ଡାଙ୍କ ପାଖରେ ତାଙ୍କ ଫ୍ଲାଟର ଚାବି ରୁହେ। ଝାଡୁଦାର ପ୍ରତିଦିନ ଆସି ଘର ମଧ୍ୟରେ ଥିବା ଅଳିଆ ଆବର୍ଜନା ସଫା କରି ପୁଣି ପଡୋଶୀଙ୍କ ଘରେ ଚାବି ଦେଇ ଫେରି ଯାଇଥାନ୍ତି। ଶୁକ୍ରବାର ସକାଳୁ ଝାଡୁଦାର ଚାବି ନେଇ ଘର ଖୋଲିବା ପରେ ଭିତରେ ସମସ୍ତ ଆସବାବ ପତ୍ର ଏଣେତେଣେ ପଡ଼ିଥିବା ବେଳେ, ଘରର ଆଲମାରୀ ଓ ଲକର ମଧ୍ୟ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସେ ଏ ସଂକ୍ରାନ୍ତରେ ପଡୋଶୀଙ୍କ ମାଧ୍ୟମରେ ଘର ମାଲିକଙ୍କୁ ଜଣାଇଥିଲେ। ପଡୋଶୀଙ୍କ ଠାରୁ ଖବର ପାଇ ସନ୍ଦୀପ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ବାରଙ୍ଗ ଥାନାକୁ ଖବର ଦେଇଥିଲେ। ବାରଙ୍ଗ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ବାରଙ୍ଗ ଅଞ୍ଚଳ ଏକ ପ୍ରମୁଖ ଯୋଗାଯୋଗର ମଧ୍ୟାହ୍ନ ସାଜିଥିବା ବେଳେ ଉକ୍ତ ଅଞ୍ଚଳ ଏବେ ଏକ ପ୍ରମୁଖ ଅଞ୍ଚଳ ଭାବେ ପରିଗଣିତ ହେଲାଣି। ହେଲେ ଜନସାଧାରଣଙ୍କୁ ସୁରକ୍ଷା ଦେବାକୁ ପୁଲିସ ସକ୍ଷମ ହେଉନାହିଁ। ସେପଟେ ଅଞ୍ଚଳରେ ଦିନ ହେଉ କିମ୍ବା ରାତିରେ ପୁଲିସ ପଇଁତରା ଦେଖିବାକୁ ମିଳୁନାହିଁ। କେବଳ ମୁଖ୍ୟ ରାସ୍ତା ଉପରେ ପଇଁତରା ମାରି ପୁଲିସ ଚୁପ୍ ହୋଇ ବସି ରହୁଛି। ଯେଉଁଥି ପାଇଁ ବାରଙ୍ଗ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଦିନକୁ ଦିନ ଚୋରୀ, ଡକାୟତି, ରାହାଜାନୀ, ଆତ୍ମହତ୍ୟା ଭଳି ଘଟଣା ବାରଙ୍ଗ ଅଞ୍ଚଳରେ ବଢ଼ି ଚାଲିଛି। ସେପଟେ ଉକ୍ତ ଆପାର୍ଟମେଣ୍ଟରୁ ଚୋରୀ ଘଟଣାରେ ଆପାର୍ଟମେଣ୍ଟ ସମେତ ଅଞ୍ଚଳବାସୀ ନିଜ ଅଞ୍ଚଳରେ ରହିବାକୁ ସୁରକ୍ଷିତ ମଣୁନାହାନ୍ତି। ଗତକାଲି ବିଳମ୍ବିତ ରାତିରେ ଘଟିଥିବା ଉକ୍ତ ଘଟଣାରେ ଅଞ୍ଚଳବାସୀ ଏବଂ ତାଙ୍କ କଷ୍ଟ ଅର୍ଜିତ ସମ୍ପତ୍ତି କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ନୟାଗଡ଼ବାସୀଙ୍କ ପ୍ରିୟ ଏସ୍‌ପି ରାହୁଲ




**ନୟାଗଡ଼, ୧୩।୯ (ସଂଚାର ବ୍ୟୁରୋ):** କଥା ଦେଇ କଥା ରଖିଲେ ପୋଲିସ ଅଧିକାରୀ, ୪୮ଘଣ୍ଟା ଭିତରେ ଗାଁରେ ପହଞ୍ଚିଲେ, ଦେଇଥିବା କଥାର ମର୍ଯ୍ୟଦା ରଖିଲେ, ଚା ପିଇଲେ, ଲୋକଙ୍କ ସହ ମିଶିଲେ, ବରିଷ୍ଠ ନାଗରିକଙ୍କ ସମସ୍ୟା ବୁଝିଲେ, ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସହଯୋଗ ଲୋଡିଲେ। 'ସଂଚାର' ଯାହା ଦେଖିଛି ତାହା ଲେଖିବାକୁ ଚେଷ୍ଟା କରିଛି । ବଡ଼ ଅଧିକାରୀ ହୋଇ ମଧ୍ୟ ମନରେ ଗର୍ବ ଅହଂକାର ନାହିଁ, ଯାହାର ଯେଉଁ କାମ ହେଉ..... ତାଙ୍କ ଦ୍ୱାରା ହେଉଥିବା କାର୍ଯ୍ୟକୁ ତ୍ୱରୀତ ସମାଧାନ କରିଦେଉଥିବା ଦେଖିବାକୁ ମିଳିଛି.... କଥାରେ ନୁହେଁ କାମ କରି ଦେଖାଇଛନ୍ତି ନୟାଗଡ଼ ଏସ୍‌ପି ରାହୁଲ ଜୈନ । ଦାୟିତ୍ୱ ନେବା ଦିନ ଠାରୁ ଲୋକଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଜରି ରଖିଛନ୍ତି। ବହୁ ଏସ୍‌ପି ଆସିଛନ୍ତି, କିନ୍ତୁ ରାହୁଲ ଜୈନଙ୍କ ଭଳି ପୋଲିସ ଅଫିସର ବିରଳ। ନିର୍ବାଚନ ହିଂସା ରୋକିବା ପାଇଁ ଗାଁ ଗାଁରେ ପହଞ୍ଚି ଭାଇଚାରା ସୃଷ୍ଟି କରିପାରିଛନ୍ତି।

କେଉଁଠି ଗାଁ ଲୋକଙ୍କ ସହ ତଳେ ବସି ଆଲୋଚନା କରିଛନ୍ତି ତ ଆଉ କେଉଁଠି ଘରକୁ ଯାଇ ସମାଧାନ କରିବାକୁ ଚେଷ୍ଟା କରିଛନ୍ତି । ଏପରିକି ଛୋଟ ଛୋଟ ପିଲାଙ୍କୁ ଚକୋଲେଟ, ବିସ୍କୁଟ ଦେଇ ମନ ଜିଣିଛନ୍ତି। ଜିଲ୍ଲାରେ ଆଇନ ଶୃଙ୍ଖଳାର ଉନ୍ନତି ଲାଗି ଆଶା ରଖିଛନ୍ତି ଏସ୍‌ପି। ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ଆଇଆଇସିଙ୍କୁ ନେଇ ଗାଁ ଗାଁରେ ବୈଠକ କରି ନିର୍ବାଚନ ହିଂସା ରୋକିପାରିଥିଲେ। ବରିଷ୍ଠ ନାଗରିକ ସୁରକ୍ଷା ସଚେତନତା କରିବାରେ ସଫଳତା ହାସଲ କରିପାରିଛନ୍ତି। ବରିଷ୍ଠ ନାଗରିକ ସୁରକ୍ଷା ସଚେତନତା ବୈଠକରେ ଦେଇଥିବା କଥା ରଖିବା ପାଇଁ ୪୮ଘଣ୍ଟା ଭିତରେ ଦଶପଲ୍ଲାର ସାତପାଟଣା ଗାଁର ବରିଷ୍ଠ ନାଗରିକ ପ୍ରାଣବନ୍ଧୁ ବେହେରାଙ୍କ ଘରେ ପହଞ୍ଚିଥିଲେ ଶ୍ରୀ ଜୈନ । ସେଠାରେ ଏକ ସଭାରେ ଯୋଗ ଦେଇ ଶାନ୍ତି, ଶୃଙ୍ଖଳା ଓ ଭାଇଚାରା ରହିଲେ ଗାଁ ଓ ସହରର ବିକାଶ ହୋଇପାରିବ ବୋଲି କହିଥିଲେ। ପ୍ରତ୍ୟେକ ଥାନାରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ହେଲ୍ପ ଡେ଼କ୍ସ ଖୋଲାଯିବ, ବରିଷ୍ଠ ନାଗରିକ ମାନଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି କହିଥିଲେ।

ନିର୍ବାଚନ ସମୟରେ ଗାଁ ଗାଁରେ ଫ୍ଲାଗ ମାର୍ଚ୍ଚ କରିବା ସମୟରେ ନୋଡର ପଞ୍ଚାୟତ ବଉଳିସାହି ଗାଁରେ ୫ବର୍ଷର ବାଳକ ତାଙ୍କୁ ସାଲ୍ୟୁଟ ମାରିଥିଲା। ସେ ପିଲାଟି ପାଖକୁ ଯାଇ କିଛି ସମୟ ବିତାଇଥିଲେ। ନିର୍ବାଚନ ସରିବା ପରେ ପୁଣି ବଉଳିସାହି ଗାଁରେ ପହଞ୍ଚି ସାଙ୍ଗରେ ନେଇଥିବା ପୋଲିସ ପୋଷାକ ପିଲାଟିକୁ ପିନ୍ଧାଇଥିଲେ । ପୋଲିସ ପ୍ରଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଏକ ପାଞ୍ଚ ଦିନିଆ ଯୋଗ ଶିବିର କରାଇ ପ୍ରାଣାୟାମ ଶିଖାଇଥିଲେ । ନୟାଗଡ଼ ସହରରେ ଥିବା ସ୍କୁଲ, କଲେଜଗୁଡିକରେ ରାଗିଂ ରୋକିବା ପାଇଁ ଏକ ୮ ଜଣିଆ ଟିମ ଗଠନ କରିଛନ୍ତି । ଉକ୍ତ ଟିମ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ବୁଲି ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଛନ୍ତି । ହଜିଯାଇଥିବା ମୋବାଇଲ ଫେରି ପାଇବାରେ ନୟାଗଡ଼ ପୋଲିସର ଅତୁଳନୀୟ ଅବଦାନ ରହିଛି । ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟେକ ତତ୍ୱବଧାନ ଜିଲ୍ଲାରେ ଆରମ୍ଭ ହୋଇଛି ମୋବାଇଲ ଫୋନର ସ୍ପେସିଆଲ ଡ୍ରାଇଭ । ଜିଲ୍ଲା ପରିସରରେ ହଜିଯାଇଥିବା ମୋବାଇଲ ଫୋନକୁ ଖୋଜି ସଠିକ ଲୋକ ପାଖରେ ପହଞ୍ଚାଇବାରେ ମଧ୍ୟ ସଫଳତା ହାସଲ କରିପାରିଛନ୍ତି ଆରକ୍ଷୀ ଅଧିକ୍ଷକ। ସେହିପରି ଗାଁ ଗଣ୍ଡାରେ ଛୋଟ ବଡ଼ ଦୁର୍ଘଟଣା ଖବର ପାଇଲେ ଶ୍ରୀ ଜୈନ ତୁରନ୍ତ ସ୍ୱତନ୍ତ୍ର ଟିମ ନେଇ ପହଞ୍ଚି ଶାନ୍ତି ପ୍ରତିଷ୍ଠା କରିବାକୁ ଉଦ୍ୟମ ଆଣିଥାନ୍ତି । ଲାଠିପଡ଼ାରେ ଥିବା ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ଏକଜୁଟ କରାଇ ମୋଟିଭେସନ କ୍ଲାସ ନେଇଥିଲେ ରାହୁଲ ଜୈନ। ଗୀତ ଗାଇବାରେ ମଧ୍ୟ ରୁଚି ରହିଛି । ସେଥିପାଇଁ ଜିଲ୍ଲାର ଲୋକପ୍ରିୟ ହୋଇପାରିଛନ୍ତି ରାହୁଲ ଜୈନ ।

### ପ୍ରଶାସନର ଦୃଷ୍ଟି ପଡୁ

## ଅବିବାହିତ କୁନ୍ତଳାଙ୍କୁ କେବେ ମିଳିବ ଭତ୍ତା ?

**ପାଟଣାଗଡ, ୧୩।୯ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧିନସ୍ଥ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମର ଅବିବାହିତ କୁନ୍ତଳା ମୁଣ୍ଡା ଭତ୍ତା ପାଇବାରୁ ବଞ୍ଚିତ । ସୁଚନା ଯେ, ଭତ୍ତା ପାଇଁ ଆବେଦନ କରିଥିଲେ ହିଁ ଆଜି ପର୍ଯ୍ୟନ୍ତ ଭତ୍ତା ବିଭାଗ ର ଏସଏସଏସଓ ପାଖରେ ରହିଅଛି । ଯାହାଫଳ ରେ ଅବିବାହିତ ମହିଳା ଜଣକ ଭୋକ ଉପାସରେ ଦିନ ଅତିବାହିତ କରୁଛନ୍ତି । ଖପ୍ରାଖୋଲ ବ୍ଲକରୁ ୧ କି.ମି ରେ ଥିଲେ ମଧ୍ୟ ଉପାନ୍ତ ଅଞ୍ଚଳରେ ସରକାରଙ୍କ ଯୋଜନା ନିରିହ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ପଡାବାସୀ ଦାବି କରୁଛନ୍ତି।

## ବ୍ରହ୍ମପୁର ଆସିବେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର, ୧୩।୯ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଚାଲିବ ଚତୁର୍ଥ ବନ୍ଦେ ଭାରତ ଏକ୍ସପ୍ରେସ । ବ୍ରହ୍ମପୁର - ଟାଟା ନଗର ମଧ୍ୟରେ ଏହି ଏକ୍ସପ୍ରେସ ଦୌଡିବ । ଆସନ୍ତା ୧୫ ତାରିଖରେ ଏହାର ଶୁଭ ଉଦଘାଟନ ହେବାକୁ ଯାଉଛି । ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ଏଥି ନେଇ ପ୍ରାୟ ପ୍ରସ୍ତୁତି ସରିଲାଣି । ବର୍ତ୍ତମାନ ଓଡ଼ିଶା ଦେଇ ୩ ଟି ବନ୍ଦେ ଭାରତ ଟ୍ରେନ ଚଳା ଚଳ କରୁଛି । ଏହାକୁ ମିଶାଇ ଓଡ଼ିଶାରେ ୪ ବନ୍ଦେ ଭାରତ ଏକ୍ସପ୍ରେସ ଚଳା ଚଳ କରିବ । ପୂର୍ବରୁ ଏହି ଏକ୍ସପ୍ରେସ ଟ୍ରେନର ଟ୍ରାଏଲ ରନ୍ ସରିଛି । ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା,ଉପ ଜିଲ୍ଲାପାଳ, ବରିଷ୍ଠ ଅଧିକାରୀଙ୍କ ସମେତ ଷ୍ଟେସନ ମ୍ୟାନେଜର ଦୁର୍ଗା ପ୍ରସାଦ ବ୍ରହ୍ମା ଷ୍ଟେସନ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଷ୍ଟେଟନ ରେ ଗହଳ ଚହଳ ଚାଲିଛି ।

### ମା ବିରଜାଙ୍କ ଶାରଦୀୟ ଉତ୍ସବ ପାଇଁ ସମୟ ନିର୍ଘଣ୍ଟ

## ସେପ୍ଟେମ୍ବର ୧୫ରୁ ରଥ ନିର୍ମାଣ

**ଯାଜପୁର, ୧୩।୯ (ସଂଚାର ବ୍ୟୁରୋ):** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ଶାରଦୀୟ ଦୁର୍ଗୋତ୍ସବ ପାଇଁ ସମୟ ନିର୍ଘଣ୍ଟ ହୋଇଛି। ଯାହାକି ଆସନ୍ତା ୧୫ ତାରିଖ ଶୁଭ ସୁନିଆ ଅବସରରେ ବନଯାଗ ବିଧି ସହ ରଥ ପ୍ରତିଷ୍ଠା କରାଯିବା ସହ,୨୫ ତାରିଖ ମୂଳାଷ୍ଟମୀ ଅବସରରେ ମହାସ୍ନାନ ସହ ବ୍ରହ୍ମାକୁଣ୍ଡେ ଘଟ ନିମଜ୍ଜନ, ୨୬ ତାରିଖ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସିଂହାସନେ ଷୋଡଶ ଉପଚାରପୂଜା ଅନୁଷ୍ଠିତ ହେବ। ଅକ୍ଟୋବର ୨ ତାରିଖ ମହାଳୟା ଅବସରରେ ମା ବିରଜାଙ୍କ ରଥାଧିବାସ , ୩ ତାରିଖରେ ରଥ ପ୍ରତିଷ୍ଠା ସହ ଅପରାହ୍ନରେ ମହାଷ୍ଟମୀ ପର୍ଯ୍ୟନ୍ତେ ରଥ ଚାଳନା କରାଯିବ। ସେହିପରି ୭ ତାରିଖରେ ସକାଳ ୭.୫୪ ମିନିଟ ସମୟରେ ମହାସ୍ନାନ କରାଯିବା ସହ ସୁନାବେଶ ଓ ଯଜ୍ଞ ଶୁଭାରମ୍ଭ କରାଯିବ। ୧୦ ତାରିଖରେ ସଂଧ୍ୟା ୬/୧୦ରେ ମାଙ୍କ ମହାସ୍ନାନ ସହ ମହାବେଶ ଓ ଯଜ୍ଞ ପୂର୍ଣ୍ଣାହୁତି କର୍ମ ଅନୁଷ୍ଠିତ ହେବ। ୧୧ ତାରିଖରେ ମାଙ୍କର ରଥାବତାରଣ ପୂଜା ସହ ଲାଖବିନ୍ଧା ପ୍ରାନ୍ତରକୁ ଗମନ ଓ ଶିରୋପା ଅର୍ପଣ କରାଯିବ। ୧୬ ତାରିଖରେ ମାଙ୍କ କୁମାର ଉତ୍ସବ ପାଳନ ହେବ। ସେହିପରି ୨୦୨୫ ଜାନୁଆରୀ ୨୯ ତାରିଖ ତ୍ରିବେଣୀ ଅମାବାସ୍ୟା ଅବସରରେ ମାଙ୍କର ସ୍ୱର୍ନକ୍ଷତ୍ର ବେଶ ସହ ଷୋଡଶୋପଚାର ପୂଜା ଅନୁଷ୍ଠିତ ହେବ। ସେହିପରି ୨୦୨୫ ମାର୍ଚ୍ଚ ୧୪ ତାରିଖରେ ଦୋଳ ଉତ୍ସବ ଓ ନୂତନ ପଞ୍ଜିକା ପଠନର କାର୍ଯ୍ୟ ପାଇଁ ସମୟ ନିର୍ଘଣ୍ଟ କରାଯାଇଥିବା ମୁଖ୍ୟ ପୁରୋଧା ହିମାଂଶୁ ଶେଖର ପତିମିଶ୍ର ସୂଚନା ଦେଇଛନ୍ତି ।

## ଭେଡେନରେ ଚକ୍ଷୁ ପରୀକ୍ଷା ଶିବିର

**ଭେଡେନ, ୧୩।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ସ୍ଥିତ କଲ୍ୟାଣ ମଣ୍ଡପ ପରିସର ରେ ଶୁକ୍ରବାର ଦିନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅମୃତ କୁଟୁମ୍ବ ଏବଂ ତ୍ରିଲୋଚନ ନେତ୍ରାଳୟ ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିର ରେ ମୋଟ ୧୧୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ୧୮ ଜଣଙ୍କୁ ଅପରେସନ ପାଇଁ ସମ୍ବଲପୁର ନିଆଯାଇଛି । ଡାକ୍ତର ଦେବାଶିଷ ସୁମନ୍ତ ହରେଶ ରୋଶନ ପ୍ରମୁଖ ଚକ୍ଷୁ ପରୀକ୍ଷା କରିବା ସହ ଶିବିର ପରିଚାଳନା ରେ ଅମୃତ କୁଟୁମ୍ବ ର ସଦସ୍ୟ ମାନେ ସହଯୋଗ କରିଥିଲେ ।

## ଅବକାରୀ ଚଢ଼ାଉ, ୨ କୋର୍ଟ ଚାଲାଣ

**ବାରିପଦା, ୧୩।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁଦର ସାହି ଓ ପିଠାକୁଟୁଣୀ ଗାଁରେ ରାଇରଙ୍ଗପୁର ଅବକାରୀ ବିଭାଗର ଡେପୁଟି ସୁପରିଟେଣ୍ଡେଣ୍ଟ ସୌମ୍ୟ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ରାଇରଙ୍ଗପୁର, କରଞ୍ଜିଆ, ବହଳଦା, ବିଶୋଇର ଏକ ମିଳିତ ଟିମ୍ ଗଠନ କରି କୁଦର ସାହି ଗାଁ ରେ ଚଢ଼ାଉ କରି ପ୍ରାୟ ୬ଘଂଟା ଧରି ଖୋଜାଖୋଜି କରିବା ପରେ ଗାଁରେ ୫ ହଜାର ୫୦୦ ଲିଟର ମହୁଲ୍ ମଦ ପୋଚ ଓ ୨୬୫ ଲିଟର ଦେଶୀ ମଦ ସହ ମଦ ତିଆରି କରୁଥିବା ଭାଟି, ଚୁଲି ଗୁଡ଼ିକ ନଷ୍ଟ କରାଯାଇଛି। କୁଦର ସାହିରେ ଏକ ଘରେ ଚଢାଉ କରି ଜଣେ ମହିଳା ଓ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗର ଚଢାଉ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଚୋରା ମଦ ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ଅନୁସୂଚିତ ଜନଜାତିଙ୍କ ସାମ୍ବିଧାନିକ ସୁରକ୍ଷା, କଲ୍ୟାଣ ଓ ବିକାଶ ଯୋଜନାର କାର୍ଯ୍ୟକାରିତା ସମୀକ୍ଷା

**ବ୍ରହ୍ମପୁର, ୧୩।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ଅନୁସୂଚିତ ଜନଜାତିଙ୍କ ସକାଶେ ସାମ୍ବିଧାନିକ ସୁରକ୍ଷା, କଲ୍ୟାଣ ଓ ବିକାଶ ଦିଗରେ କରାଯାଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା କିଭଳି ଚାଲିଛି ସେଥି୍ ଘେନି ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଜାତୋଠୁ ହୁସେନଙ୍କ ଦ୍ୱାରା ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ କାର୍ଯ୍ୟକାରି ହଉଥିବା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ ଅନୁସୂଚିତ ଜନଜାତି ଆୟୋଗଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାରେ ରହିଥିବା ଅନୁସୂଚିତ ଜନଜାତିର ମଙ୍ଗଳ ସକାଶେ ସେମାନଙ୍କର ଜଳ ଯୋଗାଣ ବ୍ୟବସ୍ଥା, ସେମାନଙ୍କ ଅଞ୍ଚଳକୁ ସୁଗମ ରାସ୍ତା, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଶିକ୍ଷା ଓ ଅନ୍ୟାନ୍ୟ ସମସ୍ତ ଦିଗର ସଠିକ କାର୍ଯ୍ୟକାରିତା ହେଲେ ସେମାନଙ୍କର ଉନ୍ନତି ହେବ। ଏଥିପ୍ରତି ଦୃଷ୍ଟି ଦେବାକୁ ଆୟୋଗଙ୍କୁ ଅବଗତ କରାଇଥିଲେ । ବୈଠକରେ ଜିଲ୍ଲା ମଙ୍ଗଳ ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଯୋଗାଣ ବିଭାଗ, ମହିଳା ଓ ଶିଶୁ ଉନ୍ନୟନ ବିଭାଗ, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଆର୍ଥିକ ସ୍ୱାବଲମ୍ବୀ କରିବା ଦିଗରେ ପ୍ରଦାନ କରାଯାଉଥିବା ବିଭିନ୍ନ ଋଣ ବ୍ୟବସ୍ଥା ସମେତ ଅନେକ ବିଭାଗର ସମୀକ୍ଷା କରିଥିଲେ । ଜିଲ୍ଲାରେ କାର୍ଯ୍ୟ କରୁଥିବା ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟ ଗୁଡିକର ସୁବିଧା, ଛାତ୍ରାବାସ, ସହରାଞ୍ଚଳ ଶିକ୍ଷା ବ୍ୟବସ୍ଥାରେ ଅନ୍ୱେଷା ଯୋଜନା, ପ୍ରଦାନ ହେଉଥିବା ସ୍କଲାରସିପ୍, ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଇତ୍ୟାଦି ସମ୍ପର୍କିତ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ ।

## ଅକ୍ଟୋବର ୧୧ରେ ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା



**କଳାହାଣ୍ଡି, ୧୩।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମା'ମାଣିକେଶ୍ୱରୀ ଙ୍କ ପ୍ରସିଦ୍ଧ ପବିତ୍ର ଛତର ଯାତ୍ରା ଆସନ୍ତା ଅକ୍ଟୋବର ୧୧ ତାରିଖ ଦିନ ପାଳନ ହେବ। ଏହି ପବିତ୍ର ଛତର ଯାତ୍ରା ପାଳନ ପାଇଁ ଗୁରୁବାର ଭାବନୀପାଟଣା ସ୍ଥିତ ଜିଲ୍ଲାପାଳ ଙ୍କ ସଭା ଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକ ରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ମା'ଙ୍କ ଛତର ଯାତ୍ରା ଶାନ୍ତି ଶୃଙ୍ଖଳା ସହ କିପରି ପାଳନ ହୋଇ ପାରିବ ସେଥିପାଇଁ ଜିଲ୍ଲାପାଳ ସମସ୍ତ ପ୍ରକାର ସହଯୋଗ ଲୋଡ଼ିଥିଲେ। ଆଜିର ବୈଠକ ରେ କଳାହାଣ୍ଡି ସାଂସଦ ମାଳବିକା କେଶରି ଦେବୀ ଉପସ୍ଥିତ ରହି ମାଆ ମାଣିକେଶ୍ୱରୀ ଙ୍କ ଛତର ଯାତ୍ରାରେ ଭାଇ ଚାରା ସମ୍ପର୍କ ରଖି ସମସ୍ତେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାଇ ଅକ୍ଟୋବର ୧୧ ତାରିଖ ରେ ଛତର ଯାତ୍ରା ଅନୁଷ୍ଠିତ ହେବ ଓ ୧୨ ତାରିଖ ରେ ବିଜୟା ଦଶମୀ ଉପଲକ୍ଷେ ଅପରାହ୍ନ ୪ ଘଣ୍ଟା ରୁ ୬ ଟା ମଧ୍ୟରେ ଲାଖ ବିନ୍ଧା କାର୍ଯ୍ୟକ୍ରମ ର ଧାର୍ଯ୍ୟ କରାଯାଇଛି। ଅକ୍ଟୋବର ୧୦ ତାରିଖ ମହା ଅଷ୍ଟମୀ ରାତିରେ ମା 'ଙ୍କ ପୂଜାର୍ଚ୍ଚନା କରାଯାଇ ୧୧ ତାରିଖ ରେ ଜେନା ଖାଲରୁ ମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଭକ୍ତ ଙ୍କ ଉପସ୍ଥିତ ଓ ଜିଲ୍ଲା ପ୍ରଶାସନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛତର ଯାତ୍ରା ଅନୁଷ୍ଠିତ ହେବ। ହଜାର ହଜାର ଶ୍ରଦ୍ଧାଳୁ କିପରି ମା'ଙ୍କୁ ଦର୍ଶନ କରିପାରିବେ ଓ ଠିକ ସମୟରେ ମା'ଙ୍କ ଛତର ମନ୍ଦିର ରେ ପହଂଚି ପାରିବ ସେ ସମ୍ପର୍କ ରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରାସ୍ତା ମରାମତି, ପାନୀୟ ଜଳ ସୁବିଧା, ବିଦ୍ୟୁତ ସରବରାହା, ସ୍ୱାସ୍ଥ୍ୟ ସେବା, ରାସ୍ତା ଘାଟ ସଫାସୁତରା, ଅବକାରୀ ବିଭାଗ ଦ୍ୱାରା ମଦ ଦୋକାନ ବନ୍ଦ ରଖିବା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସୂଚନା କେନ୍ଦ୍ର ଖୋଲାଯିବା ସମ୍ପର୍କ ରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ )ତ୍ରିଲୋଚନ ପାତ୍ର, ଧର୍ମଗଡ ଉପଜିଲ୍ଲାପାଳ ଧିମାନ ଚକମା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା,ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ ନାଏକ,ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟ ସମ୍ପରଣା ରାଉତ,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ଡେପୁଟି କଲେକ୍ଟର ମମତା ଦାସ ଙ୍କ ସମେତ ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଗଣେଷ ଭସାଣିରେ ଡିଜେ ସାଉଣ୍ଡ

## ଛାତିଥରା ସାଉଣ୍ଡରେ ରୋଗୀ ଓ ବୟସ୍କ ଅସ୍ତବ୍ୟସ୍ତ



**କେନ୍ଦ୍ରାପଡ଼ା, ୧୩।୯ (ସଂଚାର ବ୍ୟୁରୋ):** ଗଣେଷ ପୂଜା ଭସାଣରେ ନିୟମକୁ ଫୁ କରୁଛନ୍ତି ପୂଜା କମିଟି ଏବଂ ଡିଜେ ମାଲକ। ପ୍ରଶାସନକୁ ଖାତିର ନ କରି ମାତ୍ରାଧିକ ଡିଜେ ସାଉଣ୍ଡ ଯୋଗୁଁ ଅସୁସ୍ଥ ହେଉଛନ୍ତି ଲୋକେ। କେନ୍ଦ୍ରାପଡ଼ା ଜିଲ୍ଲାର ସହରାଞ୍ଚଳ ଅଧିକାଂଶ ମେଢ଼ ଏବଂ ବିଶେଷ କରି ଗରଦପୁର ଅଞ୍ଚଳର ବ୍ରହ୍ମପୁର ଗ୍ରାମର ଗଣେଷ ଭଷାଣୀ ସମୟରେ ଡ଼ିଜେ ସାଉଣ୍ଡ ପ୍ରକୋପ ପୁରା ଅଞ୍ଚଳକୁ ସେହି ସମୟରେ ଥରାଇ ଦେଇଛି। ଅସହ୍ୟ ହୋଇଥିବା ଡିଜେ ସାଉଣ୍ଡ ପାଇଁ ହୃଦରୋଗରେ ପୀଡ଼ିତ ହୋଇ ବଞ୍ଚିଥିବା ଯୋଗୀ ଏହି ସାଉଣ୍ଡ ପାଇଁ ଅନ୍ୟ ନିରାପଦ ସ୍ଥାନକୁ ନିଜ ଜୀବନ ବଞ୍ଚାଇବା ପାଇଁ ଚାଲିଯାଇଥିବା ଅଭିଯୋଗ ହୋଇଛି । ସବୁଠୁ ବଡ଼ କଥା ହେଉଛି ଏଭଳି ବେନିୟମ ଭାବେ ଗଣେଷ ଭଷାଣରେ ଡ଼ିଜେ ବେବହାର ହେଉଥିବା ବେଳେ ସ୍ଥାନୀୟ ପୁଲିସ୍ କୌଣସି ପଦକ୍ଷେପ ନନେଇ ବରଂ ସେମାନଙ୍କୁ ସହଯୋଗ କରୁଥିବା ଜଣାପଡିଛି। ଯଦି କେହି ଏନେଇ ଥାନା ଅଧିକାରୀଙ୍କୁ ଫୋନ୍ ଯୋଗେ ଅଭିଯୋଗ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଥାନାରେ ଷ୍ଟାପ ନଥିବା ନିଜେ ଥାନା ଅଧିକାରୀ ଫୋନ୍‌ରେ କହିଥିବା ଘଟଣା ଆହୁରି ଆଶ୍ଚର୍ଯ୍ୟ ଚକିତ କରିଛି। ଗତବର୍ଷ ମଧ୍ୟ ଗରଦପୁର ଅଞ୍ଚଳରେ ଡିଜେ ସାଉଣ୍ଡ ପାଇଁ ୧୫ ଉର୍ଦ୍ଧ ବ୍ୟକ୍ତି ଅସୁସ୍ଥ ହୋଇ ମେଡ଼ିକାଲ ଯିବା ପରେ ଗରଦପୁର ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ଥାନୀୟ ପାଟକୁରା ଥାନାରେ ଏତଲା ଦିଆଯାଇଥିଲା। ହେଲେ ଘଟଣାର ବର୍ଷକ ପରେବି ଚେତିଲାନି ପ୍ରଶାସନ ଏହାକୁ ରୋକ୍ ଦେବା ପରିବର୍ତ୍ତେ ପୂଜା କମିଟିକୁ ଆହୁରି ସାହସ ଯୋଗାଉଥିବା ରୋଚକ ପୂର୍ଣ୍ଣ ଦୃଶ୍ୟ କେନ୍ଦ୍ରାପଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି ଯାହାକି ଚାଲୁଛି ଭସାଣି ବାଜୁଛି ଡିଜେ। ରାତିରେ ମନଇଚ୍ଛା ମାତ୍ରାଧିକ ସାଉଣ୍ଡରେ ଗୀତ ବଜାଇ ଚାଲୁଛି ଭସାଣି ଶୋଭାଯାତ୍ରା । ଆଉ ଏନେଇ ଅଭିଯୋଗ କଲେ ଦେଖାଉଛନ୍ତି ସ୍ଥାନୀୟ ପ୍ରଶାସନଠୁ ମିଳିଥିବା ଅନୁମତି ପତ୍ର । ଏଭଳି ଘଟଣା କେନ୍ଦ୍ରାପଡ଼ା ସହରାଞ୍ଚଳ ଏବଂ ଗରଦପୁର ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି । ଡିଜେର ଅତ୍ୟଧିକ ଶବ୍ଦ ଯୋଗୁଁ ଗରଦପୁର ପଞ୍ଚାୟତ ବ୍ରହ୍ମପୁର, ମଳିକସାହି, ଘୋଡ଼ାଶାଳ, ବଜ୍ରବାଣ ଗାଁ ଲୋକେ ଭୟରେ ଅନ୍ୟତ୍ର ସ୍ଥାନକୁ ଜୀବନ ବଞ୍ଚାଇବା ପାଇଁ ସେହି ସମୟରେ ବାଧ୍ୟ ହୋଇ ଚାଲିଯାଇଛନ୍ତି । ଗଣେଶ ଠାକୁର ଭସାଣି ଉତ୍ସବରେ ବାଜୁଥିବା ଡିଜେ ଏମାନଙ୍କ ପାଇଁ କାଳ ସାଜିଛି ଡିଜେ ବଜାଇ ନିଶାସକ୍ତ ଯୁବକ ମାନେ ତାଳେତାଳେ ନାଚୁଥିଲେ। କିନ୍ତୁ ଏହି ଡିଜେ ସାଉଣ୍ଡ ଯୋଗୁଁ ଶିଶୁ ବୃଦ୍ଧ ବୃଦ୍ଧା ଏବଂ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ବିଗାଡି ଦେଇଛି । ହେଲେ ସବୁ ଦେଖି ଜାଣି ମଧ୍ୟ ପ୍ରଶାସନ ନୀରବତା ଆହୁରି ଆଶ୍ଚର୍ଯ୍ୟ କରିଛି।

### କେନ୍ଦ୍ରାପଡ଼ା ଝିଅ ଶୁଭଶ୍ରୀଙ୍କ କୃତିତ୍ୱ

## ସର୍ବଭାରତୀୟ ଆଇସିଏଆର୍ ପରୀକ୍ଷାରେ ତୃତୀୟ



**କେନ୍ଦ୍ରାପଡ଼ା, ୧୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଝିଅ ଶୁଭଶ୍ରୀ ଦାସ ସର୍ବଭାରତୀୟ ଆ ଇ ସି ଏ ଆ ର ( ଇ ଣ୍ଡି ଆ ନ୍ କାଉନ୍‌ସିଲ ଅଫ ଏଗ୍ରିକଲଚରାଲ ରିସର୍ଚ୍ଚ) ପରୀକ୍ଷାରେ ତୃତୀୟ ସ୍ଥାନ ଅଧିକାର କରି ସମଗ୍ର ଜିଲା ପାଇଁ ଗୌରବ ଆଣିଛନ୍ତି। ଶୁଭଶ୍ରୀ ହେଉଛନ୍ତି ଗୁଆଳସିଂ ଗ୍ରାମପଞ୍ଚାୟତର ସରପଞ୍ଚ ମଧୁସ୍ମିତା ଦାସ ଓ ଦିଲ୍ଲୀପ ଦାସଙ୍କ କନ୍ୟା । ଶୁଭଶ୍ରୀ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟନ କରିଥିଲେ । ଏହାପରେ ଭୁବନେଶ୍ୱରର ଏକ ଘରୋଇ ଅନୁଷ୍ଠାନରେ ଯୁକ୍ତ ଦୁଇ ଅଧ୍ୟୟନ କରିଥିଲେ । ଏହାପରେ ଓୟୁଏଟି ରଙ୍ଗେଇଲୁଣ୍ଡା ବ୍ରହ୍ମପୁରରେ ମତ୍ସ୍ୟ ବିଭାଗ ଶାଖାରେ ଗ୍ରାଜୁଏସନ ଶେଷ କରିଥିଲେ। ସେ ମୁମ୍ବାଇର ସିଫେ କଲେଜର ମତ୍ସ୍ୟ ବିଭାଗରେ ଗବେଷଣା କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ପାଠ ପଢିବା ପାଇଁ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ । ଏହାସହ ତାଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ କରିବେ । ଶିକ୍ଷା ଶେଷ ପରେ ରାଷ୍ଟ୍ରପତି ଏହି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବେ। ଏହି ଖବର ପ୍ରଚାରିତ ହେବା ପରେ ଶୁଭଶ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଛୁଟିଛି। ଏହି ପରିପେକ୍ଷୀରେ ଶୁଭଶ୍ରୀଙ୍କ କଠିନ ପରିଶ୍ରମ, ଅଧ୍ୟ୍ୟବ୍ୟସାୟ ତାଙ୍କୁ ସଫଳତା ଶୀର୍ଷରେ ପହଞ୍ଚାଇଛି ବୋଲି ତାଙ୍କ ବାପା ଦିଲ୍ଲୀପ ଦାସ କହିଛନ୍ତି।



## ରାଇକମା ଆଶ୍ରମ ବିଦ୍ୟାଳୟରେ ଗଣିତ ହାଟ

**ବେତନଟୀ, ୧୩।୯ (ସଂଚାର ବ୍ୟୁରୋ):** ଆଦିବାସୀ କଲ୍ୟାଣ ସଂସ୍ଥା ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟ ତରଫରୁ କୋମଳମତି ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ସୃଜନୀଶକ୍ତି ବୃଦ୍ଧି ନିମନ୍ତେ ବିଜ୍ଞାନ ଭିତ୍ତିକ ପ୍ରଦର୍ଶନୀ ସହ ଗଣିତହାଟ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀଗଣ ଗଣିତଭିତ୍ତିକ ବିଭିନ୍ନ ଖେଳନା ସାମଗ୍ରୀ ନିଜ ନିଜ ମଧ୍ୟରେ କ୍ରେତା ଓ ବିକ୍ରେତା ହୋଇ ଦର ମୂଲ୍ୟାୟନ କରିଥିଲେ । ଏହାଦ୍ୱାରା ହାଟରେ କିପରି କିଣାବିକା, ଦର ମୂଲଚାଲ ହୁଏ ଏବଂ କେଉଁ ସାମଗ୍ରୀ କେତେ ପରିମାଣରେ କିଣିଲେ, ତାର ମୂଲ୍ୟ କେତେ ହେବ ଇତ୍ୟାଦି ଶିକ୍ଷାଲାଭ କରିଥିଲେ ।

ଏହାପରେ ଅନୁଷ୍ଠିତ ସଭାରେ ଖଇରବଣି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ନାଥ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ଜିଲ୍ଲା ଆଦିବାସୀ କଲ୍ୟାଣ ବିଭାଗ ସହ ଅଧିକାରୀ ସେଠୀବାବୁ, ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା,ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ୍ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥାଇ ବିଜ୍ଞାନ ସମ୍ପର୍କିତ ବକ୍ତବ୍ୟ ସହ ଛାତ୍ରଛାତ୍ରୀଗଣ ଅଧ୍ୟବସାୟୀ ହେବାକୁ ପରାମର୍ଶ ଦେଇଥିଲେ । ସଭାରେ ବେତନଟୀ ବ୍ଲକ୍ ସ୍ଥ ସାମ୍ବାଦିକ ସଂଘ ଓ ପ୍ରେସକ୍ଲବ୍ ର ଅନେକସାମ୍ବାଦିକ, ବୁଦ୍ଧିଜୀବୀ, ଅଭିଭାବକ, ନିକଟସ୍ଥ ଓ ନିଜ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷିକଗଣ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କୃତୀ ପ୍ରତିଯୋଗୀ ଛଅ ଜଣଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିବା ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ କାର୍ଯ୍ୟକ୍ରମର ସଫଳ ସମାପନ ପରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ପାଳିତ



**ଯୋଡ଼ା/ବଡ଼ବିଲ, ୧୩।୯ (ସଂଚାର ବ୍ୟୁରୋ):** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। କାଶିଆ ଖଣି ଅଞ୍ଚଳରେ ଥିବା ୧୫ଟି ଅଙ୍ଗନବାଡ଼ିର ୪୭୧ ଶିଶୁ ୧୨୦ ମା' ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ଖାଦ୍ୟର ଉପାଦେୟତା ସମ୍ପର୍କରେ ସଚେତନ କରାଯାଇଥିଲା । ୧୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ପରିବା ବଣ୍ଟନ କରାଯିବା ସହ ପୁଷ୍ଟିକର ଥାଳି ପ୍ରଦର୍ଶିତ ହୋଇଥିଲା । ଏହା ସହିତ ଅଙ୍ଗନବାଡ଼ିଗୁଡ଼ିକୁ ଓଜନ ମାପିବା ମେସିନ, ଜ୍ୱର ମାପିବା ଯନ୍ତ୍ର ଏବଂ ଚଟାଣରେ ବିଛାଇବା ପାଇଁ ଗାଲିଚା ପ୍ରଦାନ କରାଯାଇଥିଲା ।

ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ୧୫ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ସହାୟତା ପ୍ରଦାନ ପାଇଁ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାଶିଆ ମାଇନ୍ସର ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର କହିଥିଲେ ଯେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପାରିପାର୍ଶ୍ୱିକ ଅଞ୍ଚଳର ଜୀବନଧାରଣର ମାନରେ ବିକାଶ ଓ ଶିଶୁମାନଙ୍କ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ସମର୍ପିତ ଭାବେ କାର୍ଯ୍ୟକରୁଛି । ଯୋଡ଼ା ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସୁକାନ୍ତୀ ପାତ୍ର ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ପାରିପାର୍ଶ୍ୱିକ ଅଞ୍ଚଳର ସମନ୍ୱିତ ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନର ଉଦ୍ୟମ ଓ ଅବଦାନକୁ ପ୍ରଶଂସା କରିଥିଲେ । ଏହା ସହିତ ଯୋଡ଼ା ବ୍ଲକ ଅଞ୍ଚଳରେ ସମସ୍ତମାଆଙ୍କୁ ସ୍ୱାସ୍ଥ୍ୟକର ତଥା ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ସଚେତନ କରାଯାଉଥିବା ସେ କହିଥିଲେ ।

ସମ୍ମାନିତ ଅତିଥିଭାବେ ଭଦ୍ରାସାହି ସରପଞ୍ଚ ଶ୍ରୀମତି ପ୍ରମିଳା ନାଏକ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାରର ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି, ସିଏସଆର୍ ମୁଖ୍ୟ ଶ୍ରୀ ଭର୍ଜିଲ ଲାକ୍ରା, ଅଙ୍ଗନବାଡ଼ି କର୍ମୀ ଶ୍ରୀମତି ଅବନ୍ତୀ ପଲାଇ, ଏଏନଏମ୍ ଶ୍ରୀମତି ଶାନ୍ତିଲତା ମହାନ୍ତ, ଜଳ କମିଟି ମୁଖ୍ୟ ଶ୍ରୀମତି ଶୁଭଶ୍ରୀ ପଲାଇ, ୧୫ଟି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଜିନ୍ଦଲ ଫାଉଣ୍ଡେସନକୁ ଧନ୍ୟବାଦ ଦେବା ସହ ପାରିପାର୍ଶ୍ୱିକ ଅଞ୍ଚଳରେ ଏହାର ବିକାଶ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆସ୍ଥା ପ୍ରକଟ କରିଥିଲେ ।

ବଡ଼ବିଲ ଠାରେ ଥିବା ଜେଏସପି ପେଲେଟ ପ୍ଲାଣ୍ଟ ଦ୍ୱାରା ମଧ୍ୟ ଦେଓଝାର ଗ୍ରାମ ପଂଚାୟତରେ ଜାତୀୟ ପୋଷଣ ସପ୍ତାହ ପାଳିତ ହୋଇଯାଇଛି । ପଂଚାୟତର ସମସ୍ତ - ୧୩ ଟି ଅଙ୍ଗନବାଡିରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ଏହାଦ୍ୱାରା ୭ ଟି ଗ୍ରାମର ୩୨୫ ଶିଶୁ ଓ ୪୧୬ ମହିଳା ଉପକୃତ ହୋଇଛନ୍ତି । ସପ୍ତାହ ବ୍ୟାପି ଏହି କାର୍ଯ୍ୟକ୍ରମକୁ ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ଫାଉଣ୍ଡେସନର ୧୦ ଜଣ ସ୍ୱାସ୍ଥ୍ୟ ସଙ୍ଗିନୀ ସଫଳତାର ସହ ସଂଚାଳନ କରିଥିଲେ । ଜାତୀୟ ପୋଷଣ ସପ୍ତାହ ହେଉଛି ପୋଷଣ ଆଧାରିତ ଏକ ବୈଶ୍ୱିକ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ପ୍ରତି ବର୍ଷ ସେପ୍ଟେମ୍ବର ପ୍ରଥମ ସପ୍ତାହ, ୧ ରୁ ୭ ତାରିଖ ଯାଏ ପାଳିତ ହୁଏ । ଚଳିତ ବର୍ଷ ପୋଷଣ ସପ୍ତାହର ଥିମ୍ ବା ବିଷୟବସ୍ତୁ ରହିଛି - 'ସମସ୍ତଙ୍କ ପାଇଁ ପୁଷ୍ଟିକର ଖାଦ୍ୟ'।

## ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ପେନସନ ଅଦାଲତ



**ଖୋର୍ଦ୍ଧା, ୧୩।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଓଡିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ ) ମିଳିତ ଆନୁକୂଲ୍ୟରେ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ ଗୃହଠାରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଆଜି ଅନୁଷ୍ଠିତ ହୋଇଯାଇଅଛି । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପେନସନ ଅଦାଲତରେ ଏ. ଜି କାର୍ଯ୍ୟାଳୟର ଉପ ମହାଲେଖାକାର (ପେନସନଓ ଭବିଷ୍ୟନିଧି ) ସଞ୍ଜୟ କୁମାର,ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଦେବବ୍ରତ କର, ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ବରିଷ୍ଠ ଲେଖାଧିକାରୀ ସାରଦା ପ୍ରସନ୍ନ ମହାପାତ୍ର, କଲ୍ୟାଣ ପଣ୍ଡା ଯୋଗଦେଇ ପେନସନ ଓ ଭବିଷ୍ୟନିଧି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ ।

ଏହି ପେନସନ ଅଦାଲତରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଗ୍ରାଚୁଇଟି ମଂଜୁର ହୋଇ ନଥିବା ୨୭୮ କେସ ଶୁଣାଣି ପାଇଁ ଉପସ୍ଥାପିତ ହୋଇଥିଲା । ଏହି ଅଦାଲତକୁ ସହକାରୀ ଲେଖାଧିକାରୀ ଆଶୁତୋଷ ଦାଶ, ଶରତ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ପଣ୍ଡା,ଭିନେଶ ଯାଦବ,ପୁରୁଷୋତ୍ତମ ବଳ,ଅଶୋକ କୁମାର ପାତ୍ର,କୌଶିକ କୁମାର କବି, ଯାମି ସଞ୍ଜୟ ସିଂହ, ଚନ୍ଦ୍ର ଶେଖର ବେହେରା ଓ ଜିଲ୍ଲା ପ୍ରଶାସନର ବାବୁଲି ପଟ୍ଟନାୟକ, ସଂଘମିତ୍ରା ମହାପାତ୍ର, ଭବାନୀ ଶଙ୍କର ବିଧାର, ଅମୀୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ପେନସନ ଅଦାଲତକୁ ପରିଚାଳନା କରିଥିଲେ ।

# ଯାତ୍ରୀଙ୍କ ସୁରକ୍ଷାକୁ ଅଣଦେଖା କରାଯିବନି

## ରାଜ୍ୟ ପରିବହନ ପ୍ରାଧିକରଣ-ବସ୍ ମାଲିକ ସଂଘ ବୈଠକ



**ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ):** ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ଓ ଘରୋଇ ବସ୍ ମାଲିକ ସଙ୍ଘ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାଧିକରଣର ବରିଷ୍ଠ ଅଧିକାରୀ ଓ ବସ୍ ମାଲିକ ସଙ୍ଘର ପଦାଧିକାରୀମାନେ ସାମିଲ ହୋଇଥିଲେ । ଏହି ବୈଠକରେ ବସ୍ ମାଲିକମାନେ ନିଜର ସମସ୍ୟା ଉପସ୍ଥାପିତ କରିଛନ୍ତି । ତେବେ ଯାତ୍ରୀଙ୍କ ନିକଟରୁ ବସ୍ ସେବା ସମ୍ବନ୍ଧରେ ଆସୁଥିବା ଅଭିଯୋଗ ଓ ସଡ଼କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ସମସ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପରିବହନ ଆୟୁକ୍ତ ଅମିତାଭ ଠାକୁର କହିଛନ୍ତି । ମୋଟର ଯାନ ଆଇନର ସଠିକ ଅନୁପାଳନ, ଫିଟନେସ ଯାଞ୍ଚ ବେଳେ ଅଧିକ ଦାୟିତ୍ୱବାନ ହେବାକୁ ସମସ୍ତ ଆରଟିଓ ଓ ଏମଭିଆଇ ମାନଙ୍କୁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଯାହାକୁ ନେଇ କିଛି ବସ୍ ମାଲିକ ଆପତ୍ତି ଉଠାଇଥିଲେ । ଏହା ଉପରେ ସ୍ପଷ୍ଟତା ରଖି ପରିବହନ ଆୟୁକ୍ତ କହିଛନ୍ତି, ଫିଟନେସକୁ ନେଇ ଚେକଲିଷ୍ଟରେ କୌଣସି ନୂଆ କଥା ଯୋଡ଼ା ଯାଇନାହିଁ । ତେଣୁ ବସ୍ ମାଲିକମାନେ ଏହାକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ । ଆଇନର ସଠିକ୍ ଅନୁପାଳନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି । କାରଣ ଯାତ୍ରୀ ସୁରକ୍ଷା ହେଉଛି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ । ଏହାକୁ କୌଣସି ପରିସ୍ଥିତିରେ ଅଣଦେଖା କରାଯାଇପାରିବ ନାହିଁ । ସଡ଼କ ସୁରକ୍ଷା ଭଳି ଗମ୍ଭୀର ପ୍ରସଙ୍ଗରେ ସମସ୍ତ ସହଯୋଗ କରିବାକୁ ସେ ବସ୍ ମାଲିକ ସଙ୍ଘକୁ ଅନୁରୋଧ କରିଛନ୍ତି।

# ଭବାନୀପାଟଣାରୁ ଅପହରଣ ▶ ଭୁବନେଶ୍ୱରରୁ ମିଳିଲା ଝୁଲନ୍ତା ମୃତଦେହ






**ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ):** ଭବାନୀପାଟଣାରୁ ହୋଇଥିଲା ଅପହରଣ। ଆଉ ଭୁବନେଶ୍ୱରରେ ଏକ ଆପାର୍ଟମେଣ୍ଟର ଆଉଟ୍‌ହାଉସ୍‌ରୁ ମିଳିଲା ମୃତଦେହ। ହେଲେ ପ୍ରେମିକ ଫେରାର। ମୃତଦେହ ମିଳିବା ପରେ ଯୁବତୀଙ୍କ ପରିବାର ଲୋକ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ଅପହରଣ କରି ଭୁବନେଶ୍ୱରରେ ଝିଅକୁ ମାରିଦେଲା ବୋଲି ଯୁବତୀଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଭୁବନେଶ୍ୱର କମିଶନରେଟ୍ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି। କୋରାପୁଟ ଦାମନଯୋଡ଼ି ଥାନା ମାଥାଲପୁଟ ଗାଁର ଜ୍ୟୋତିରେଖା ପରିଡ଼ା ଏମ୍‌ସିଏ ପାସ୍ କରିଛନ୍ତି। ତାଙ୍କୁ ଭଲ ପାଉଥିଲେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବଣତୁମ୍ବ ଗାଁର ପ୍ରିୟ ରଞ୍ଜନ ପାତ୍ର। ଉଭୟଙ୍କ ଭଲ ପାଇବା ଦୀର୍ଘ ଦିନର। କିନ୍ତୁ ଏଥିରେ ପରିବାର ଲୋକେ ରାଜି ନଥିଲେ। ଯେଉଁଥିପାଇଁ ଉଭୟଙ୍କ ପ୍ରେମରେ ସାମାନ୍ୟ ଭଟ୍ଟା ପଡ଼ିଥିଲା। ସେଥିପାଇଁ ଜ୍ୟୋତିରେଖାଙ୍କ ପରିବାର ଲୋକଙ୍କୁ ମିଳୁଥିଲା ଧମକ। ଅଭିଯୋଗ ଅନୁସାରେ ଜ୍ୟୋତିରେଖାଙ୍କୁ ତାଙ୍କ ସମ୍ପର୍କୀୟ ଘର ଭବାନୀପାଟଣାରେ ଛାଡ଼ିଥିଲେ ପରିବାର ଲୋକ। ଗତ ଫେବ୍ରୁଆରୀରେ ପ୍ରିୟରଞ୍ଜନ ଓ ତାଙ୍କର ଦୁଇ ଜଣ ସାଥୀ ଭବାନୀପାଟଣା ଯାଇଥିଲେ। ଆଉ ସେଠାରୁ ଜ୍ୟୋତିରେଖାଙ୍କୁ ଅପହରଣ କରିଥିଲେ। ଅପହରଣ ନେଇ ସେତେବେଳେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅପହରଣ ପରେ ଜ୍ୟୋତିରେଖାଙ୍କୁ ତାଙ୍କ ନିଜ ଘରକୁ ନେଇନଥିଲେ ପ୍ରିୟ ରଞ୍ଜନ। ରାଜଧାନୀ ଭୁବନେଶ୍ୱରରେ ଏଠି ସେଠି ଘର ଭଡ଼ା ନେଇ ରହୁଥିଲେ। ତେବେ ରାକ୍ଷୀ ପୂର୍ଣ୍ଣିମାଠାରୁ ଉଭୟରେ ଖଣ୍ଡଗିରିରେ ଥିବା ଏକ ଆପାର୍ଟମେଣ୍ଟର ଆଉଟ୍‌ହାଉସରେ ରହୁଥିଲେ। ଆପାର୍ଟମେଣ୍ଟରେ ରହୁଥିବା ଲୋକଙ୍କ କହିବା ଅନୁସାରେ ଜ୍ୟୋତିରେଖା ଓ ତାଙ୍କ ପ୍ରେମିକ ପ୍ରିୟଙ୍କୁ ଦିନ ବେଳାରେ କେବେ ଦେଖିବାକୁ ପାଆନ୍ତି ନାହିଁ। ତେବେ ଗୁରୁବାର ରାତିରେ ଆପାର୍ଟମେଣ୍ଟ ସୋଶାଇଟି ମେମ୍ବରମାନେ ଆଉଟ୍‌ହାଉସ୍‌ରେ ଝୁଲନ୍ତା ମୃତଦେହ ଦେଖି ଖଣ୍ଡଗିରି ଥାନା ପୁଲିସ୍‌କୁ ଖବର ଦେଇଥିଲେ। କମିଶନରେଟ୍ ପୁଲିସ୍ ଆଉଟ୍‌ହାଉସ୍‌ରେ ପହଞ୍ଚି ଝୁଲନ୍ତା ମୃତଦେହ ଜବତ କରିଥିଲା। ହେଲେ ଘରେ ପ୍ରେମିକ ପ୍ରବର ପ୍ରିୟରଞ୍ଜନଙ୍କୁ ଦେଖିବାକୁ ମିଳିନଥିଲା। ପୁଲିସ୍ ଘରୁ ଭିତରୁ ଗୋଟିଏ ଆପିଡେଭିଟ୍ ଜବତ କରିଥିଲା। ଯେଉଁ ତଥ୍ୟ ଆଧାରରେ ପୁଲିସ୍ ସୁନାବେଡ଼ା ଥାନାକୁ ସୂଚନା ଦେଇଥିଲା। ରାତି ପ୍ରାୟ ୨ଟା ବେଳେ ସୁନାବେଡ଼ା ଥାନା ପୁଲିସ୍ ଜ୍ୟୋତିରେଖାଙ୍କ ବାପା ମଙ୍ଗୁଳୁ ପରିଡ଼ାଙ୍କୁ ଝିଅ ମୃତ୍ୟୁ ନେଇ ଖବର ଦେଇଥିଲା। ଝିଅ ମୃତ୍ୟୁ ଖବର ଶୁଣି ମଙ୍ଗୁଳୁ ଓ ତାଙ୍କ ପରିବାର ଲୋକଙ୍କ ଅକଲ୍ ଗୁଡୁମ ହୋଇଯାଇଥିଲା।

# ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ସତ୍ୟ ପାଲ



ପୁରୀ, ୧୩/୯ (ସଂଚାର ବ୍ୟୁରୋ): ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ରରାଷ୍ଟ୍ର ମନ୍ତ୍ରୀ ସତ୍ୟ ପାଲ ସିଂ ବାଘଏଲ । ରତ୍ନସିଂହାସନ ସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଦେଶର ସୁଖ, ସମୃଦ୍ଧି ସମଗ୍ର ଦେଶ ବାସୀଙ୍କ ମଙ୍ଗଳ କାମନା ସହ ସମସ୍ତଙ୍କର ପ୍ରଗତି ପାଇଁ ପ୍ରାର୍ଥନା କରିଥିଲେ। ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବାଘଏଲଙ୍କୁ ସିଂହଦ୍ୱାର ନିକଟରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା।

# ମୌସୁମୀ ବୈଠକ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ପଶୁପାଳନ ଓ ଡାୟେରି ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ସହଯୋଗରେ ଭୁବନେଶ୍ୱରଠାରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ମୌସୁମୀ ବୈଠକ ଅବସରରେ ୧୨ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମବେତ ଅତିଥିମାନଙ୍କୁ ରାତ୍ରିଭୋଜନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଆମନ୍ତ୍ରଣ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉପସ୍ଥିତ ରହି ଅତିଥିମାନଙ୍କ ସହ ମତ ବିନିମୟ କରିବା ସହିତ ଓଡ଼ିଶାର ଆଧ୍ୟାତ୍ମିକ-ସାଂସ୍କୃତିକ ଐତିହ୍ୟ ଉପରେ ଅବଗତ କରାଇଥିଲେ । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଓ ରାଜ୍ୟ ମତ୍ସ୍ୟ, ପ୍ରାଣୀସଂପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶିଳ୍ପୀମାନେ ଓଡ଼ିଶୀ, ସମ୍ବଲପୁରୀ, ସିଂହାରୀ ଓ ଛଉ ନୃତ୍ୟ ପରିବେଷଣ କରିଥିବାବେଳେ ବର୍ଣ୍ଣାଳୀ ହୋତାଙ୍କ ଭଜନ ଏବଂ ଲୋକଗୀତ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

# ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ ମୃତ



ଅନୁଗୋଳ, ୧୩।୯ (ସଂଚାର ବ୍ୟୁରୋ): ବଅଁରପାଳ ଥାନା ନୁଆହତା ଶକ୍ତି ନଗର କଲୋନୀରେ ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଶି କାମ କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଉଛନ୍ତି ରଘୁ ହାଁସଦା ଓ ମେଡ଼ ନାଗ। ସେମାନଙ୍କ ଘର ମୟୂରଭଞ୍ଜ ଜିଲ୍ଲାର ବହଳଦା ଥାନା ରେଢ଼ମ ଗାଁରେ। ଦେବଗଡ଼ ଜିଲ୍ଲାର ଜଣେ ବ୍ୟକ୍ତି ଶକ୍ତି ନଗର କଲୋନୀରେ ଏକ ଘର ନିର୍ମାଣ କରୁଛନ୍ତି। ତାଙ୍କର ନିର୍ମାଣାଧୀନ ପାଇଖାନା ଟାଙ୍କି ଭିତରକୁ ଦୁଇ ଜଣ ଶ୍ରମିକ ପଶି କିଛି କାର୍ଯ୍ୟ କରୁଥିଲେ। ତେବେ ସେମାନେ ପ୍ରାୟ ଦୁଇ ଘଣ୍ଟା ଧରି ସେଠାରୁ ବାହାରି ନଥିଲେ କି ସେଠାରୁ କୌଣସି ଶବ୍ଦ ଶୁଣିବାକୁ ମିଳି ନଥିଲା। ସନ୍ଦେହ ହେବାରୁ ଘର ମାଲିକ ଓ ଅନ୍ୟ ଶ୍ରମିକମାନେ ପାଇଖାନା ଟାଙ୍କି ଭିତରକୁ ଦେଖିବାକୁ ଚେଷ୍ଟା କରିଥିଲେ ଏବଂ ଉଭୟ ଅଚେତ ଅବସ୍ଥାରେ ପଡ଼ିଥିବା ସେମାନେ ଦେଖିଥିଲେ।



# ପଣ୍ୟାଗାରରେ ଲାଗିବ ସିସିଟିଭି

**ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ମୁଖ୍ୟ କାର୍ଯ୍ୟାଳୟରେ ନିଗମର ବିଭିନ୍ନ ଗୋଦାମର କାର୍ଯ୍ୟକଳାପ ଉପରେ ଆଜି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମାନ୍ୟବର ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ସମୀକ୍ଷା କରିଛନ୍ତି। ଗୋଦାମ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଓ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଗୋଦାମ ଗୃହଗୁଡ଼ିକରେ ବ୍ୟାପକ ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ପରାମର୍ଶ ଦେଇଛନ୍ତି। ଗୋଦାମ ପରିଚାଳନା ବ୍ୟବସ୍ଥା ଭଳି ଆଧୁନିକ ଜ୍ଞାନ କୌଶଳକୁ କାର୍ଯ୍ୟକାରୀ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ନିଗମର ସାମଗ୍ରିକ ଦକ୍ଷତା ଓ କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ପାଇଁ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ ମନ୍ତ୍ରୀ । ପ୍ରଭାବଶାଳୀ ତଦାରଖ ଓ କେନ୍ଦ୍ରୀୟ ପରିଚାଳନା ପାଇଁ ମୁଖ୍ୟ କାର୍ଯ୍ୟାଳୟରେ ଏକ କେନ୍ଦ୍ରୀୟ ପରିଚାଳନା ୟୁନିଟ୍ ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଛନ୍ତି। ଅଧିକ ବ୍ୟବସାୟ ନିମନ୍ତେ ପରିବହନ ସେବା, କୀଟ ନିୟନ୍ତ୍ରଣ ସେବାକୁ ପ୍ରାଧାନ୍ୟ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ରାଜସ୍ୱ ବୃଦ୍ଧି ପାଇଁ ଅଭିନବ ପନ୍ଥା ଆପଣାଇବାକୁ ଗୁରୁତ୍ୱାରୋପ କରାଯାଇଥିଲା। ବଜାରର ପୁଙ୍ଖାନୁପୁଙ୍ଖ ବିଶ୍ଲେଷଣ କରି ଅଧିକ ଚାହିଦା ଥିବା ଅଂଚଳରେ ଅନ୍ତର୍ଜାତୀୟ ମାନଦଣ୍ଡରେ ନୂତନ ଗୋଦାମ ଗୃହ ନିର୍ମାଣ ପାଇଁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଓଡ଼ିଶାର ବର୍ଦ୍ଧିତ ଭଣ୍ଡାର ଚାହିଦାକୁ ପୂରଣ ସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ନିଗମର ପରିଚାଳନା ନିର୍ଦ୍ଦେଶକ ଓ ଅଧିକାରୀମାନେ ମନ୍ତ୍ରୀଙ୍କ ପରାମର୍ଶକୁ ବାସ୍ତବ ରୂପ ଦେବାକୁ ନିଷ୍ଠାପର ଉଦ୍ୟମ କରିବେ ବୋଲି କହିଥିଲେ। ଏହି ବୈଠକରେ ବଡ଼ଚଣାର ମାନ୍ୟବର ବିଧାୟକ ଅମର ନାୟକ, ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାଶ, ମାନନୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ସଚିବ ଶ୍ରୀମତୀ ରଞ୍ଜିତା ସାହୁ, ବିତ୍ତ ପରାମର୍ଶଦାତା ଶ୍ରୀମତୀ ସ୍ମିତାଞ୍ଜଳୀ ସ୍ୱାଇଁ, ମୁଖ୍ୟ ସାଧାରଣ ପ୍ରବନ୍ଧକ ସୁପ୍ରିୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଧରାପଡ଼ିଲା ଆଉ ଜଣେ ରସିକିଆ

# ଠକକୁ ବାନ୍ଧିଲା କ୍ରାଇମବ୍ରାଞ୍ଚ ସାଇବର ୟୁନିଟ୍



**ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ):** କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ ୟୁନିଟ ପକ୍ଷରୁ ଶୁକ୍ରବାର ଜଣେ ରସିକିଆ ଠକକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତର ନାମ ହେଉଛି ବିରଞ୍ଚି ନାରାୟଣ ନାଥ ଓ ତାଙ୍କ ଘର ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳରେ। ବିରଞ୍ଚି ଦ୍ୱିତୀୟ ବିବାହ କରିବା ଆଳରେ ରାଜ୍ୟ ତଥା ରାଜ୍ୟ ବାହାରର ଏକାଧିକ ମହିଳାଙ୍କ ସହ ସୋସିଆଲ ମିଡ଼ିଆରେ ସମ୍ପର୍କ ସ୍ଥାପନ କରି ତାଙ୍କୁ ଶାରିରୀକ ଆର୍ଥିକ ଭାବେ ହଇରାଣ କରୁଥିବା ନେଇ ଅଭିଯୋଗ ହେବା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବିରଞ୍ଚି ନିଜ ଠକେଇ ଜାଲରେ ମୁଖ୍ୟତଃ ବିଧବା, ମଧ୍ୟ ବୟସ୍କା ଓ ଅସହାୟ ମହିଳାଙ୍କୁ ଟାର୍ଗେଟ କରିଥାଏ। ସେମାନଙ୍କୁ ପ୍ରେମ ଜାଲରେ ଫସାଇବା ସହ ପରବର୍ତ୍ତୀ ସମୟରେ ସେମାନଙ୍କ ସହ ଶାରିରୀକ ସମ୍ପର୍କ ସ୍ଥାପନ କରିବା ପରେ ନିବିଡ଼ତା ବଢ଼ାଇଥାଏ। ପରବର୍ତ୍ତୀ ସମୟରେ ବିରଞ୍ଚି ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉତ୍ତୋଳନ କରି ନିଜ ପାଖରେ ରଖିବା ସହ ବ୍ଲାକମେଲିଂ କରି ସେମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥାଏ। ଏନେଇ କଟକର ଜଣେ ବିଧବା ମହିଳା କ୍ରାଇମବ୍ରାଞ୍ଚର ସାଇବର ସେଲରେ ଅଭିଯୋଗ କରିବା ପରେ ସେଲ ପକ୍ଷରୁ ଏହାର ତଦନ୍ତ କରାଯାଇ ବିରଞ୍ଚିଙ୍କ ସଂକ୍ରାନ୍ତରେ ଏତେ ସବୁ ସତ୍ୟ ବାହାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଶୁକ୍ରବାର ବିରଞ୍ଚିଙ୍କୁ ଗିରଫ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କର ୨୦୨୨ ମସିହାରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କର ୨ଟି ଶିଶୁ କନ୍ୟା ରହିଛନ୍ତି। ବିରଞ୍ଚି ତାଙ୍କୁ ମଧ୍ୟ ସୋସିଆଲ ମିଡ଼ିଆରେ ଯୋଗାଯୋଗ କରି ନିଜକୁ ପ୍ରଭାକର ଶ୍ରୀବାସ୍ତ ବୋଲି ପରିଚୟ ଦେବା ସହ ସେ ରେଳବାଇର ଟିଟି ଭାବେ ଚାକିରୀ କରୁଥିବା କହି ଠକିଥିବା ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ଏହା ଜଣାପଡ଼ିଥିଲା କି, ଅଭିଯୁକ୍ତ ବିରଞ୍ଚି ଦ୍ୱିତୀୟ ବିବାହ କରିବା ଆଳରେ ମେଟ୍ରୋମୋନିଆଲ ସାଇଟରେ ନିଜର 'ସେକେଣ୍ଡ ମ୍ୟାରେଜ' ପାଇଁ ପ୍ରସ୍ତାବ ଖୋଜୁଥିଲା। ତେବେ ବିରଞ୍ଚି ଉକ୍ତ ମେଟ୍ରୋମୋନିଆଲ ସାଇଡ଼ରେ ନିଜକୁ ରେଳବାଇ, ଆୟକର ବିଭାଗର ଇନ୍ସପେକ୍ଟର, ବାଣିଜ୍ୟ ଓ ପଣ୍ୟ ନିଗମର ଅଧିକାରୀ ଭାବେ ମିଥ୍ୟା ପରିଚୟ ଦେବା ସହ ବିବାହ ପାଇଁ ଇଚ୍ଛୁକ ଥିବା ଦର୍ଶାଉଥିଲା। ବିରଞ୍ଚିଙ୍କ ଟାର୍ଗେଟରେ ମୁଖ୍ୟତଃ ବିଧବା, ଅବିବାହିତା ମଧ୍ୟ ବୟସ୍କା ଓ ଛାଡ଼ପତ୍ର ହୋଇଥିବା ମହିଳା ହିଁ ଟାର୍ଗେଟରେ ଥିଲେ। ଆରମ୍ଭରୁ ବିରଞ୍ଚି ଇଚ୍ଛୁକ ଥିବା ମହିଳାଙ୍କୁ ୱେବସାଇଡ ମାଧ୍ୟମରେ ବିବାହ ପାଇଁ ପ୍ରସ୍ତାବ ପଠାଇବା ପରେ ପରେ ତୁରନ୍ତ ସେମାନଙ୍କ ସହ ଫୋନରେ କଥା ହେବା ସହ ପରବର୍ତ୍ତୀ ସମୟରେ ସେମାନଙ୍କ ଘରକୁ ଯାଉଥିଲା। ସେ ମୁଖ୍ୟତଃ ମହିଳାମାନଙ୍କୁ ଜୀବନସାରା ସୁଖ ଦେବାର ପ୍ରତିଶ୍ରୁତି ଦେବା ସହ ଯଦି କାହାର ପିଲାଛୁଆ ଥାଏ ତେବେ ସେମାନଙ୍କର ମଧ୍ୟ ଯତ୍ନ ନେବାକୁ ବିରଞ୍ଚି ପ୍ରତିଶ୍ରୁତି ଦେଉଥିଲା। ଯେହେତୁ ୱେବସାଇଡ଼ରେ ବିରଞ୍ଚି ବହୁ ଉଚ୍ଚ ପଦବୀରେ ଚାକିରୀ କରିଥିବା ଦର୍ଶାଉଥିଲା ତେଣୁ ମହିଳାମାନେ ତାଙ୍କୁ ପସନ୍ଦ କରୁଥିଲା। ଏପରିକି ବହୁ ମହିଳାଙ୍କୁ ବିବାହ କରିବା ପରେ ଚାକିରୀ କରାଇ ଦେବାର ମିଛ ପ୍ରତିଶ୍ରୁତି ମଧ୍ୟ ଧୂର୍ତ୍ତ ବିରଞ୍ଚି ଦେଉଥିଲା।

# ପ୍ରବଳ ବର୍ଷା ସମ୍ଭାବନା

## ଆଜି ମୟୂରଭଞ୍ଜରେ ସ୍କୁଲ ଛୁଟି

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ) : ଦକ୍ଷିଣପୂର୍ବ ବାଂଲାଦେଶ ଓ ସଂଲଗ୍ନ ଅଞ୍ଚଳରେ ସୃଷ୍ଟି ଲଘୁଚାପ କ୍ଷେତ୍ର ପଶ୍ଚିମ-ଉତ୍ତରପଶ୍ଚିମକୁ ଗତି କରି ଉତ୍ତରପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣପୂର୍ବ ବାଂଲାଦେଶ ଉପକୂଳରେ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଗତି କରି ଶନିବାର ସୁଦ୍ଧା ପଶ୍ଚିମ ବଙ୍ଗ ଉପକୂଳ ଓ ସଂଲଗ୍ନ ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ଏହାର ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓଡ଼ିଶାରେ ପ୍ରବଳ ଏବଂ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ। ମୟୂରଭଞ୍ଜ ଜିଲ୍ଲାରେ ୨ଶହ ମିଲିମିରୁ ଅଧିକ ବର୍ଷା ସମ୍ଭାବନା ଥିବାରୁ ଶନିବାର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍‌କୁ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ। ମୟୂରଭଞ୍ଜ ଜିଲ୍ଲାକୁ ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୧୫ ତାରିଖ ସାଢ଼େ ୮ଟା ପର୍ଯ୍ୟନ୍ତ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

# ଗଣେଶ ବିସର୍ଜନ ବେଳେ ବୁଡ଼ିଗଲେ ୨ ଛାତ୍ର



ବାରପଦା, ୧୩।୯ (ସଂଚାର ବ୍ୟୁରୋ): ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ସୁବର୍ଣ୍ଣରେଖା କେନାଲରେ ଆଦର୍ଶ ବିଦ୍ୟାଳୟର ୨ ଜଣ ଯୁକ୍ତ ଦୁଇ ଛାତ୍ରଙ୍କ ଜଳସମାଧି ଘଟିଛି। ମୃତକମାନେ ହେଲେ ଖୁଣ୍ଟା ଥାନା ଅଞ୍ଚଳର ତନ୍ମୟ କୁମାର ବେହେରା ଓ ରାସଗୋବିନ୍ଦପୁର ଅଞ୍ଚଳର ଦିବ୍ୟଜ୍ୟୋତି ସାହୁ ।

ଶୁକ୍ରବାର ପୂର୍ବାହ୍ନରେ କିଛି ଶିକ୍ଷକ ଓ ଛାତ୍ର ଲକ୍ଷ୍ମୀପୋଷୀ ସ୍ଥିତ ସୁବର୍ଣ୍ଣରେଖା କେନାଲରେ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇଥିଲେ। ବିସର୍ଜନ ସମୟରେ ୪ ଛାତ୍ର ଓ ଦୁଇ ଶିକ୍ଷକ ବୁଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଅଗ୍ନିଶମବାହିନୀ ପହଞ୍ଚି ଶିକ୍ଷକ ବରପଦା ଥାନା ଅଞ୍ଚଳର ରଞ୍ଜନ କୁମାର ନାୟକ ଓ ବାଲିଆପାଳ ଥାନା ଅଞ୍ଚଳର ତପନ କମିଲାଙ୍କୁ ଉଦ୍ଧାର କରିଥିଲା। ହେଲେ ଛାତ୍ରମାଙ୍କର ପତ୍ତା ମିଳି ନ ଥିଲା। ବହୁ ଖୋଜାଖୋଜି ପରେ ଅପରାହ୍ଣ ପ୍ରାୟ ୩ଟାରେ ୨ ଛାତ୍ରଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

# ରାସ୍ତାକଡ଼ରୁ ମିଳିଲା ଯୁବକଙ୍କ ଶବ

**ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେସନ ରୋଡ଼ ସ୍ଥିତ ରାସ୍ତା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣଙ୍କ ହେଲେ ୟୁନିଟ ୮ ଅଂଚଳର ନବ ନାୟକ। ଆଜି ସକାଳେ ଲିଙ୍ଗରାଜ ଷ୍ଟେସନ ରୋଡ଼ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଯୁବକଙ୍କ ବେକରେ ରଶି ଲାଗିଥିବା ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସପିଟାଲକୁ ପଠାଇଛି। ତେବେ ଯୁବକ ଜଣଙ୍କ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଜଣାପଡ଼ି ନାହିଁ। ମୃତକଙ୍କ ପରିବାର ଲୋକଙ୍କୁ ଘଟଣା ସଂପର୍କରେ ଖବର ଦିଆଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

# ୨ ଜଣଙ୍କୁ ଧକ୍କା ଦେଇ ନାଳରେ ପଶିଲା ପୁଲିସ ଗାଡ଼ି



**କଟକ, ୧୩।୯ (ସଂଚାର ବ୍ୟୁରୋ)** ୨ ଜଣଙ୍କୁ ଧକ୍କା ଦେଇ ଭାରସାମ୍ୟ ହରାଇ ନାଳରେ ପଶିଲା ପୁଲିସ ଗାଡ଼ି। କଟକ ଜିଲ୍ଲା ବିଜୁ ପଟ୍ଟନାୟକ ଛକରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଜଣେ ଜୋତା ମରାମତି ଦୋକାନୀ ହୋଇଥିବା ବେଳେ ଅନ୍ୟ ଜଣେ ସାଇକେଲ ଆରୋହୀ ବୋଲି ଜଣାଯାଇଛି। ପୁଲିସ ଗାଡ଼ିଟି ଦ୍ରୁତ ଗତିରେ ଆସି ପ୍ରଥମେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲେ। ପରେ ରାସ୍ତାକଡ଼ରେ ଥିବା ଜୋତା ମରାମତି ଦୋକାନୀ ଉପରେ ମାଡ଼ି ଯାଇଥିଲା। ପରେ ଗାଡ଼ିଟି ଭାରସାମ୍ୟ ହରାଇ ନିକଟରେ ଥିବା ନାଳକୁ ପଶିଯାଇଥିଲା। ଗାଡ଼ି ଓ ଡ୍ରାଇଭରଙ୍କୁ ଉଦ୍ଧାର କରି ପୁଲିସ ନେଇଯାଇଥିବା ସୂଚନା ରହିଛି। ଗାଡ଼ିରେ ପୁଲିସ କର୍ମଚାରୀ ଥିଲେ କି ନାହିଁ ଜଣାପଡ଼ିନାହିଁ। ଗାଡ଼ିର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଲାଉଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି।

# ପୂଜା ପୂର୍ବରୁ ସରିବ ଟ୍ୱିନ୍ ସିଟି ରାସ୍ତା କାମ



**ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଓ କଟକ ସହର ମଧ୍ୟରେ ଥିବା ସମସ୍ତ ରାସ୍ତାର ମରାମତି ଓ ଉନ୍ନତିକରଣ ନେଇ ଶୁକ୍ରବାର ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦ୍ୱୈତନଗରୀ ଅଞ୍ଚଳରେ ଖରାପ ହୋଇଯାଇଥିବା ସମସ୍ତ ରାସ୍ତାକୁ ଅକ୍ଟୋବର ୫ ସୁଦ୍ଧା ମରାମତି ଶେଷ କରିବାକୁ ମାନ୍ୟବର ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଦଶହରା ସମୟରେ ସୁରକ୍ଷିତ ଯାତାୟତକୁ ଦୃଷ୍ଟିରେ ରଖି ସ୍ଥାନୀୟ ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କଟକ ଓ ଭୁବନେଶ୍ୱର ଅଞ୍ଚଳରେ ଥିବା ରାସ୍ତା ମଧ୍ୟରୁ କେଉଁ ରାସ୍ତାର ସ୍ଥିତି କ'ଣ, ସେ ନେଇ ଆଲୋଚନା ହୋଇଥିଲା । ଏଥିରେ ଭୁବନେଶ୍ୱର ଅଞ୍ଚଳର ମୋଟ ୮୧୮ଟି ରାସ୍ତାର ୭୯୮ କିମି ମଧ୍ୟରୁ ୪୬୭ ରାସ୍ତାର ୫୬୫ କିମି ରାସ୍ତା ଭଲ ଥିବାବେଳେ ୨୮୯ଟି ରାସ୍ତାର ୧୫୦ କିମି ରାସ୍ତା ସାମାନ୍ୟ ମରାମତି ଏବଂ ୬୨ଟି ରାସ୍ତାର ୭୧ କିମି ରାସ୍ତା ଅଧିକ ମରାମତି ଆବଶ୍ୟକ ରହିଛି । ସେହିପରି କଟକ ଅଞ୍ଚଳର ମୋଟ ୯୫ଟି ରାସ୍ତାର ୧୯୭ କିମି ରାସ୍ତା ମଧ୍ୟରୁ ୬୧ଟି ରାସ୍ତାର ୧୧୭ କିମି ରାସ୍ତା ଭଲ ଥିବାବେଳେ ୨୭ଟି ରାସ୍ତାର ୭୦ କିମି ରାସ୍ତା ସାମାନ୍ୟ ମରାମତି ଏବଂ ୭ଟି ରାସ୍ତାର ୯ କିମି ରାସ୍ତା ଅଧିକ ମରାମତି ଆବଶ୍ୟକ ରହିଛି ବୋଲି ବିଭାଗ ପକ୍ଷରୁ ବୈଠକରେ ସୂଚନା ଦିଆଯାଇଥିଲା ।

**ଗୁଣବତ୍ତାରେ ସାଲିସ କରାଯିବନି**

ବୈଠକରେ କଟକ ଓ ଭୁବନେଶ୍ୱର ବିଧାୟକଗଣ, ମେୟର ଏବଂ ଅନ୍ୟ ରାଜନେତାମାନେ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ରାସ୍ତା ମରାମତି ନେଇ ଆଲୋଚନା କରିଥିଲେ। ମନ୍ତ୍ରୀ ହରିଚନ୍ଦନ ସମସ୍ତଙ୍କ ଆଲୋଚନା ଶୁଣିବା ସହ ମହାନଗର ନିଗମ, ପୂର୍ତ୍ତ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ନିକଟରେ ଥିବା ସମସ୍ତ ରାସ୍ତାର ମରାମତି ସହ ଲୋକଙ୍କ ଯାତାୟାତ ସୁଗମ କରିବା ପାଇଁ ଆବଶ୍ୟକ ସମସ୍ତ ଟେଣ୍ଡର କାର୍ଯ୍ୟ ସହ ଅକ୍ଟୋବର ୫ ଭିତରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ମାଣ କାର୍ଯ୍ୟରେ ଗୁଣବତ୍ତା ଉପରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିବା ସହ ଉଭୟ ସହରରେ ଥିବା ଡ୍ରେନ୍‌ଗୁଡ଼ିକରେ କଭର ପକାଇବା, ଜାତୀୟ ରାଜପଥ ଏବଂ ସର୍ଭିସ୍ ରୋଡ୍ ସମସ୍ୟାର ସମାଧାନ ଦିଗରେ ମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ସହରର ଜଳବନ୍ଦି ସମସ୍ୟାର ସମାଧାନ ସହ ପରବର୍ତ୍ତୀ ସମୟରେ ନିୟମିତ ଭାବେ ରାସ୍ତାଘାଟ ମରାମତି ଅନୁଧ୍ୟାନ ନେଇ ବୈଠକ ଓ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ। ବୈଠକରେ ଭୁବନେଶ୍ୱର ଏକାମ୍ର ବିଧାୟ ବାବୁ ସିଂ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟି-କଟକ ବିଧାୟିକା ସେଫିଆ ଫିର୍ଦୋସ୍, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ରାଜନେତା ଜଗନ୍ନାଥ ପ୍ରଧାନ, ଦିଲ୍ଲୀପ ମହାନ୍ତି, ନୟନ କିଶୋର ମହାନ୍ତି, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବେଳାଭୂମିରେ ଖୋଲିବନି ମଦ କ୍ୟାବିନ

## ଧର୍ମାନୁଷ୍ଠାନର ୫ କିମି ପରିଧିରେ ମଦ ଦୋକାନ ମନା

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ): ବିରୋଧ ପରେ ବଦଳିଲା ସରକାରଙ୍କ ନିଷ୍ପତ୍ତି । ପୁରୀ ଓ ଧାର୍ମିକ ବେଳାଭୂମିରେ ଖୋଲିବନି ମଦ କ୍ୟାବିନ୍ ବା ବିଚ୍ ସାକ୍ସ। ପୁରୁଣା ଅବକାରୀ ନୀତିରେ ପରିବର୍ତ୍ତନ ଆଣିଲେ ରାଜ୍ୟ ସରକାର । ରାଜ୍ୟର ଅନ୍ୟ ଧର୍ମାନୁଷ୍ଠାନଗୁଡ଼ିକ ପାଖରେ ୫ କିମି ପରିଧିରେ ଖୋଲିବନି ମଦ ଦୋକାନ। ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ଦିଗକୁ ଦୃଷ୍ଟିରେ ଏଭଳି ନିଷ୍ପତ୍ତିରେ ପରିବର୍ତ୍ତନ ଆଣିଛନ୍ତି ସରକାର। ଏନେଇ ସଂଶୋଧିତ ସ୍ୱତନ୍ତ୍ର ବିଜ୍ଞପ୍ତି ସରକାରଙ୍କ ପକ୍ଷରୁ ପ୍ରକାଶିତ ହୋଇଛି । ଏନେଇ ସ୍ପଷ୍ଟୀକରଣ ରଖିଛନ୍ତି ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ପୁରୀ ବେଳାଭୂମି ଯାହାକୁ ଆମେ ମହୋଦଧି ବୋଲି କହୁଛେ ତାର ଆଖପାଖ ଅଞ୍ଚଳରେ ଏପରିକି ପୁରୀ ମ୍ୟୁନିସିପାଲିଟି ତାର ପାଖ ଆଖି ଅଞ୍ଚଳରେ ବିଚ୍ ସାକ୍ସ ଖୋଲାଯିବ ନାହିଁ। ସେ କଥାର ସ୍ପଷ୍ଟତା ଆଗରୁ ବି ଥିଲା ଯେହେତୁ କିଛି ଦ୍ୱନ୍ଦ୍ୱ ଆସିଲା ମାନସିକ ଦ୍ୱନ୍ଦ୍ୱ ଉପୁଜିଲା ସେଥିପାଇଁ ସରକାର ମଧ୍ୟ ଅର୍ଡର ମଧ୍ୟ କରିସାରିଛନ୍ତି ସେ ବାବଦରେ ଯେ କୌଣସି ଜାଗାରେ ବିଚ ସାକ୍ସ ଖୋଲାଯିବ ନାହିଁ ।' ମନ୍ତ୍ରୀ ଆହୁରି କହିଛନ୍ତି, 'ବିଚ ସାକ୍ସ ଥିଲା ଯେଉଁଠି ଇକୋ ରିଟ୍ରିଟ ବ୍ୟବସ୍ଥା ହେଉଥିଲା ସେଠି ବିଚ୍ ସାକ୍ସ ବ୍ୟବସ୍ଥା ଅନୁମତି ଦିଆଯାଉଥିଲା । ଏବେ ଏକଥାର ସ୍ପଷ୍ଟତା ଅଛି ଯେ, ପୁରୀ ମ୍ୟୁନିସିପାଲଟି ଓ ତାର ଆଖପାଖରେ ଅଞ୍ଚଳରେ ବିଚ୍ ସାକ୍ସ ହେବ ନାହିଁ । ଏପରିକି ଯେଉଁ ଜାଗା ଇକୋ ରିଟ୍ରିଟ ହେଉଥିଲା କି ନଦୀ କୂଳ ବା ସମୁଦ୍ର କୂଳ ବା ଅନ୍ୟ ଅଞ୍ଚଳ ମାନଙ୍କରେ ଯେଉଁଠି ସାମାଜିକ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ଥିବା ବା ସଂଶ୍ଲିଷ୍ଟ ଥିବା ସେ ସ୍ଥାନ ଓ ତାର ୫କିମି ବ୍ୟାସାର୍ଦ୍ଧ ପରିସୀମା ପର୍ଯ୍ୟନ୍ତ ବିଚ୍ ସାକ୍ସ ଅନୁମତି ଦିଆଯିବନାହିଁ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର